ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୪ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 14 APRIL 2023

Vol.No. 34 ■ No. 98 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସତର୍କ ବଳୟରେ ସମ୍ବଲପୁର

ସମ୍ବଲପୁର, ୧୩/୦୪ (ନି.ପ୍ର): ଅନିର୍ଦ୍ଦିଷ୍ଟ କାଳ ପାଇଁ ୧୪୪ ଧାରା ଲାଗୁ ହେବା ପରେ ସମ୍ବଲପୁରରେ ୪୮ ଘଣ୍ଟା ପାଇଁ ଇଣ୍ଟରନେଟ ସେବା ବନ୍ଦ କରିଛନ୍ତି ରାଜ୍ୟ ସରକାର । ଆଜି ଦିନ ୧୦ଟାରୁ ୪୮ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ରହିବ । ସନ୍ଧ୍ୟାରେ ସମ୍ବଲପୁର ଜିଲ୍ଲାପାଳ, ଏସପି ଓ ଆଇଜିଙ୍କ ଉପସ୍ଥିତିରେ ଫ୍ଲାଗମାର୍ଚ୍ଚ କରିଛି ପୁଲିସ । ହନୁମାନ ଜୟନ୍ତୀ ଉପଲକ୍ଷେ ବୁଧବାର ସମ୍ବଲପୁର ଧନୁପାଲି ଛକରୁ ବାହାରିଥିବା ବାଇକ ରାଲିକୁ ନେଇ ମୁହାଁମୁହିଁ ହୋଇଥିଲେ ୨ ଗୋଷ୍ଠୀ । ବ୍ୟାପକ ପୋଡାଜଳା ଓ ଭଙ୍ଗାରୁଜା କରିଥିଲେ ଉକ୍ତ୍ୟକ୍ତ ଲୋକ । ଦୋକାନ, କାର ଓ ବାଇକରେ ନିଆଁ ଲଗାଇ ଦେଇଥିଲେ । ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ନାକେଦମ ହୋଇଥିଲା ପୁଲିସ । ଲୋକଙ୍କ ପଥରମାଡରେ ୧୦ ପୁଲିସ କର୍ମଚାରୀଙ୍କ ସମେତ ୫୦ରୁ ଅଧିକ ଆହତ ହୋଇଥିବା ସୂଚନା ମିଳିଛି । ଏହି ଘଟଣାରେ ୪୨ ଜଣଙ୍କୁ ଅଟକ ରଖିଛି ପୁଲିସ । ଉତ୍ତେଜନାକୁ ଦୃଷ୍ଟିରେ ରଖି ସମ୍ବଲପୁର ସହରରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଶୁକ୍ରବାର ଦିନ ହନୁମାନ ଜୟନ୍ତୀ ଥିବାରୁ ଆଇନଶୃଙ୍ଖଳା ରକ୍ଷା ପାଇଁ ଆଗୁଆ ପଦକ୍ଷେପ ନେଇଛି ପୁଲିସ ପ୍ରଶାସନ । ଏହି ଘଟଣାକୁ ନେଇ ମୁହାଁମୁହିଁ ହୋଇଛନ୍ତି ବିଜେପି-ବିଜେଡି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଅଭିଯୋଗ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ▶▶ପୃଷ୍ଠା ୭

ଆଉ ନିର୍ବାଚନ ଲଢ଼ିବେନି କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର

ଭୁବନେଶ୍ୱର, ୧୩/୦୪ (ନି.ପ୍ର): ଆଉ ନିର୍ବାଚନ ଲଢ଼ିବେନି ବରିଷ୍ଠ କଂଗ୍ରେସ ବିଧାୟକ ନରସିଂହ ମିଶ୍ର । ବୟସାଧିକ କାରଣରୁ ସେ ଆଗାମୀ ବିଧାନସଭା ନିର୍ବାଚନ ଲଢ଼ିବେନି ବୋଲି ଘୋଷଣା କରିଛନ୍ତି । କହିଛନ୍ତି, ବର୍ତମାନ ତାଙ୍କୁ ୮୩ବର୍ଷ ହୋଇଥିବାବେଳେ ଆସନ୍ତାବର୍ଷ ତାଙ୍କୁ ୮୪ବର୍ଷ ହେବ । ତେଣୁ ଯଦି ସେ ନିର୍ବାଚନ ଲଢ଼ିବେ, ତେବେ ଜନତାଙ୍କୁ ଉଚିତ୍ ନ୍ୟାୟ ଦେଇପାରିବେ ନାହିଁ । ତା'ଛଡା ବୟସ ବଢ଼ିବା ସହ ଆବଶ୍ୟକ ଅନୁସାରେ କାମ ବି କରିପାରିବେ ନାହିଁ । ଯଦି ଲୋକ ପ୍ରତିନିଧି ହୋଇ କାମ କରିନପାରିବେ, ତେବେ କିଛି ଲାଭ ନାହିଁ । ସେଥିପାଇଁ ୨୦୨୪ରେ ନିର୍ବାଚନ ନଲଢ଼ିବାକୁ ନିଷ୍ପତି ନେଇଛନ୍ତି । ଅନେକ ସମୟରେ ଦେଖାଯାଏ, ବହୁ ପୁରୁଖା ନେତା, ଯୁବ ବର୍ଗଙ୍କୁ ରାଜନୀତିରେ ଆଗକୁ ବଢ଼ିବା ପାଇଁ ବାଟ ଛାଡି ନଥାନ୍ତି । ସେମାନେ ଲଢ଼ି ଆସୁଥିବା ଆସନରୁ ପୁଣି ଲଢ଼ିବା ପାଇଁ ଆଶା ରଖିଥାନ୍ତି । ଯାହାକୁ ନେଇ ଅନେକ ସମୟରେ ନୂଆ, ପୁରୁଣା ନେତାଙ୍କ ▶▶ପୃଷ୍ଠା ୭

ବେଦାନ୍ତକୁ ନେଇ ତେଜିଲା ରାଜନୀତି : ସରକାରଙ୍କୁ ଘେରିଲେ ବିରୋଧୀ

ନୂଆଦିଲ୍ଲୀ, ୧୩/୦୪ : ସୁପ୍ରିମକୋର୍ଟଙ୍କ ରାୟ ପରେ ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାରେ ପୂର୍ଣ୍ଣଚ୍ଛେଦ ପଡିଛି । ଅହେତୁକ ଅନୁକମ୍ପା ପାଇଁ ଦେଶର ସର୍ବୋଚ୍ଚ କୋର୍ଟ ଏନେଇ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି । ଜମି ଅଧିଗ୍ରହଣକୁ ବେଆଇନ ବୋଲି କହି ହାଇକୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି ସୁପ୍ରିମକୋର୍ଟ । ରାଜ୍ୟ ସରକାର ଓ ଅନୀଲ ଅଗ୍ରୱାଲ ଫାଉଣ୍ଡେସନର ଆବେଦନ ଖାରଜ ହୋଇଛି । ଆଉ ଏହାକୁ ନେଇ ଏବେ ରାଜନୀତି ଆରମ୍ଭ ହୋଇଛି । ସରକାରକୁ ଘେରିଛନ୍ତି ବିରୋଧୀ । ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମିତ ପାତ୍ର କହିଛନ୍ତି, ଚାଷୀଙ୍କ ଜମି ଲୁଟିବାକୁ ଷଡଯନ୍ତ୍ର ହେଉଥିଲା । ନିର୍ଦ୍ଦିଷ୍ଟ କମ୍ପାନୀ ପ୍ରତି ସରକାରଙ୍କ ଅହେତୁକ ଅନୁକମ୍ପା ବାରି ହୋଇପଡିଥିଲା । ପିସିସି ସଭାପତି କହିଛନ୍ତି, ରାଜ୍ୟ ସରକାରଙ୍କ ଉଦ୍ୟମକୁ ଜଗନ୍ନାଥ ପଣ୍ଡ କରିଛନ୍ତି । ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇଦେବା ଉଚିତ ବୋଲି କହିଛନ୍ତି ଶରତ ପଟ୍ଟନାୟକ । ବିଜେଡି କିନ୍ତୁ କହିଛି, ବିରୋଧୀ ସବୁବେଳେ ବିରୋଧ କଥା କହିବେ । ସରକାର ଲୋକଙ୍କ ସ୍ୱାର୍ଥ ପାଇଁ ଯାହା କରିବା କଥା କରୁଛନ୍ତି । ପୁରୀ-କୋଣାର୍କ ମେରାଇନ ଡ୍ରାଇଭର ବେଲଦଳରେ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୧୫ ହଜାର ଏକର ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ରହିଥିଲା । କିନ୍ତୁ ୮ ହଜାର ଏକର ଜମି, ଜମି ମାଲିକ ଓ କୃଷକଙ୍କଠାରୁ ଅଧିଗ୍ରହଣ ହୋଇଥିଲା । ୨୦୦୬ ମସିହାରେ ବିଶ୍ୱବିଦ୍ୟାଳୟ ପାଇଁ ଏମଓୟୁ ▶▶ପୃଷ୍ଠା ୭

ଦିଲ୍ଲୀରେ ପହଞ୍ଚିଲା ଗେହଲଟ-ପାଇଲଟ କଳି

ନୂଆଦିଲ୍ଲୀ, ୧୩/୦୪ : ରାଜସ୍ଥାନ ରାଜନୀତିରେ ଏବେ ଚର୍ଚ୍ଚାରେ ବିଷୟ ପାଲଟିଛି ପ୍ରଦେଶ କଂଗ୍ରେସ କନ୍ଦଳ । ଦଳର ଦୁଇ ପ୍ରମୁଖ ଚେହେରା ସଚିନ ପାଇଲଟ ଓ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ଭିତରେ ଚାଲିଥିବା ବିବାଦ ଦାଣ୍ଡରେ ପଡି ହାଟରେ ଗଡୁଛି । ଏବେ ମିଳିଥିବା ସୂଚନା ଅନୁସାରେ କଂଗ୍ରେସ ହାଇକମାଣ୍ଡ ଏହି ବିବାଦକୁ ନେଇ ବେଶ ଅସନ୍ତୁଷ୍ଟ ଅଛନ୍ତି ଓ ଖୁବ ଶିଘ୍ର କୌଣସି ବଡ ନିଷ୍ପତି ନେଇପାରନ୍ତି । ଦଳୀୟ କନ୍ଦଳ ଆଗାମୀ ନିର୍ବାଚନରେ ପ୍ରଭାବ ଯେପରି ନପକାଏ ତେଣୁ ସମୟ ଥାଉ ଥାଉ ସମାଧାନର ବାଟ ବାହାର କରିବାକୁ ଅଂଟା ଭିଡିଛି ଦଳ । ଗୁରୁବାର ଦିଲ୍ଲୀ ପହଁଚି ରାଜସ୍ଥାନ ପ୍ରଭାରୀ ସୁଖଜିନ୍ଦର ରାନ୍ଧୱା , କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଭେଟିଛନ୍ତି । ତାଗିଦ ସତ୍ତ୍ୱେ ସଚିନ ପାଇଲଟ କରିଥିବା ଅନଶନ ଉପରେ ଚର୍ଚ୍ଚା ହୋଇଥିବା ସୂଚନା ରହିଛି । ତେବେ ଅନଶନ ଯୋଗୁଁ ପାଇଲଟଙ୍କ ବିରୋଧରେ ଦଳ କୌଣସି ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଚାର କରୁଥିବା କୁହାଯାଉଛି ।ରାଜସ୍ଥାନ ପ୍ରଦେଶ କଂଗ୍ରେସ ଉପରେ ଦିଲ୍ଲୀରୁ ନଜର ରଖାଯାଇଛି । ଦଳର ବରିଷ୍ଠ ନେତୃବୃନ୍ଦ ର୍ତମାନର ସ୍ଥିତି ଉପରେ ନଜର ରଖିବା ସହ ବିବାଦ ଉପରେ ହସ୍ତକ୍ଷେପ କରିବାକୁ ଆଗେଇ ଆସିଛନ୍ତି । ଆଗାମୀ ନିର୍ବାଚନରେ ବିଜେପି ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ସମ୍ଭାବନା ରହିଛି । ବିବାଦ ଭିତରେ ଦଳୀୟ ନେତୃତ୍ୱବୃନ୍ଦ ଅଶୋକ ଗେହଲଟଙ୍କୁ ସମର୍ଥନ ଦେବେ ବୋଲି ଜଣାପଡିଛି । ଗେହଲଟ-ପାଇଲଟ ବିବାଦକୁ ନେଇ କଂଗ୍ରେସକୁ ଭୟ ଘାରିଛି । ପଂଜାବରେ ଠିକ ଏଭଳି ସ୍ଥିତି ଉପଜିବା ପରେ ଆମ ଆଦମୀ ପାର୍ଟି ବାଜି ମାରି ସରକାର ଗଠନ କରିଥିଲା । ତେଣୁ ରାଜସ୍ଥାନରେ ଏଭଳି କିଛି ଉପୁଜିବାପୂର୍ବରୁ ଦଳ ସର୍ତକ ହେବା ଦରକାର ।

ରାହୁଲ ଗାନ୍ଧିଙ୍କ ମାନହାନୀ ମାମଲା: ଏପ୍ରିଲ ୨୦ରେ ଆସିବ ରାୟ

ନୂଆଦିଲ୍ଲୀ, ୧୩/୦୪ : ରାହୁଲ ଗାନ୍ଧୀଙ୍କ ଉପରେ ଚାଲିଥିବା ମାନହାନି ମାମଲାରେ ଉପରେ ଗୁରୁବାର ଶୁଣାଣୀ କରିଛନ୍ତି ସୁରଟ କୋର୍ଟ । କୋର୍ଟ ପୂର୍ବରୁ ମାମଲାରେ ଦୋଷୀ ସାବ୍ୟସ୍ତ କରୀ ରାହୁଲଙ୍କ ଦୁଇବର୍ଷର ଜେଲଦଣ୍ଡାଦେଶ ଶୁଣାଇଥିଲେ । ଏହା ବିରୋଧରେ ପିଟିସନ ଦାଖଲ କରିଥିଲେ ରାହୁଲ । ଆଜି କୋର୍ଟ ପିଟିସନ ଉପରେ ଶୁଣାଣୀ କରି ଫଇସଲା ସୁରକ୍ଷିତ ରଖିଛନ୍ତି । ଏପ୍ରିଲ ୨୦ରେ କୋର୍ଟ ମାମଲା ଉପରେ ଫଇସଲା ଶୁଣାଇବେ । ଶୁଣାଣୀ ସମୟରେ କୋର୍ଟରେ ରାହୁଲଙ୍କ ଓକିଲ ଆର.ଏସ ଚୀମା ନିଜ ଯୁକ୍ତି ବାଢେଇଥିଲେ । ରାହୁଲଙ୍କ ଓକିଲ କହିଛନ୍ତି ମୋଦି ସରନେମ ଉପରେ ରାହୁଲ ଯେଉଁ ବୟାନ ଦେଇଥିଲେ ତାକୁ ନେଇ ମାନହାନି ମାମଲା କରିବା ଉଚିତ ନୁହେଁ । । ମାମଲାରେ ଅଧିକ ଦଣ୍ଡ ଦେବା ଅନୁଚିତ । ସେପଟେ ଆବେଦନକାରୀ ପୂର୍ଣ୍ଣେନ୍ଦୁ ମୋଦୀ କହିଛନ୍ତି ଇଏ ପ୍ରଥମ ଘଟଣା ନୁହେଁ, କଂଗ୍ରେସର ଅନେକ ନେତା ଏଭଳି ବିବାଦୀୟ ବୟାନ ଦେଉଉନ୍ତି । ମାର୍ଚ୍ଚ ୨୩ରେ ସୁରଟ କୋର୍ଟ ମାନହାନି ମାମଲାରେ ଶୁଣାଣୀ କରି ସୁରଟ କୋର୍ଟ ରାହୁଲଙ୍କୁ ଦୁଇବର୍ଷ ସଜା ଶୁଣାଇଥିଲେ । ଦଣ୍ଡ ଶୁଣାଣୀର କିଛି ଦିନ ମଧ୍ୟରେ ରାହୁଲଙ୍କୁ ଜାମିନ ମିଳିଥିଲା । ଦଣ୍ଡ ଶୁଣାଣୀର ଠିକ ପରେ ଲୋକସଭା ସଦସ୍ୟତା ହରାଇଥିଲେ ରାହୁଲ । ଏପରିକି ତାଙ୍କ ସରକାରୀ ବଙ୍ଗଳା ଖାଲି କରିବାକୁ ନୋଟିସ ମଧ୍ୟ ମିଳିଛି । କୋର୍ଟଙ୍କ ଫଇସଲାକୁ ବିରୋଧ କରି ରାହୁଲ ଦୁଇଟି ପିଟିସନ ଦାଖଲ କରିଥିଲେ ।

DADLS-06

ସତ୍ୟମେବ ଜୟତେ

ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0014/2324

DADLS-06

ଓଡ଼ିଶା ସରକାର

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ମହାପ୍ରଭୁଙ୍କ ଆଶୀର୍ବାଦରୁ ଓଡ଼ିଆ ନୂଆବର୍ଷ ସମସ୍ତଙ୍କ ଜୀବନରେ ଆନନ୍ଦ ଭରିଦେଉ, ସୁଖ ଓ ସମୃଦ୍ଧି ଭରିଦେଉ । ଆସନ୍ତୁ, ଏ ମହାର୍ଘ ଅବସରରେ ସଂକଳ୍ପ ନେବା- ଏକ ସଶକ୍ତ ଓଡ଼ିଶା, ଏକ ନୂଆ ଓଡ଼ିଶା ଗଠନ ଦିଗରେ ନିଜର ଶ୍ରେଷ୍ଠ ଅବଦାନ ରଖିବା ।

ଜୟ ଜଗନ୍ନାଥ ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0014/2324

DADLS-06

ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହ ସମସ୍ତଙ୍କର ସୁଖ-ସମୃଦ୍ଧି କାମନା କରୁଛି ।

ଓଡ଼ିଶାର ମହାନ ଐତିହ୍ୟ, ସମୃଦ୍ଧ ପରମ୍ପରା ଏବଂ ଅନନ୍ୟ ସଂସ୍କୃତିକୁ ଉଜ୍ଜୀବିତ କରି ରଖିଥିବା ବିଭିନ୍ନ ପର୍ବପର୍ବାଣୀ, ଓଷାବ୍ରତ ଓ ଯାନିଯାତ୍ରା ମଧ୍ୟରୁ ମହାବିଷୁବ ସଂକ୍ରାନ୍ତିର ସ୍ଥାନ ସ୍ୱତନ୍ତ୍ର ।

ବିକାଶଧାରାରେ ସାମିଲ ହୋଇ ଓଡ଼ିଶାକୁ ଦେଶର ଶ୍ରେଷ୍ଠତମ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଏହି ପବିତ୍ର ଦିବସରେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR : 15001/13/0014/2324

ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ପକ୍ଷରୁ ଯୋଗ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୧୩/୦୪ (ନି.ପ୍ର): ଭୁବନେଶ୍ୱରସ୍ଥିତ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ପକ୍ଷରୁ ଅନେକ ବର୍ଷରୁ ଚାଲିଆସୁଥିବା ପିଲାଙ୍କ ଯୋଗ କାର୍ଯ୍ୟକ୍ରମ ଗତ ଦୁଇ ବର୍ଷ ହେଲା କୋଭିଡ୍ ପାଇଁ ବନ୍ଦ ରହିଥିଲା। କୋଭିଡ୍-୧୯ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ପାଇଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ତଥା ଶାରୀରିକ ଓ ମାନସିକ ସନ୍ତୁଳନ ଅନିବାର୍ଯ୍ୟ ହୋଇପଡ଼ିଛି। ତେଣୁ ଚଳିତ ବର୍ଷ ପୁନର୍ବାର ମେ ୧ରୁ ୧୨ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଗୁରୁକୁଳ ଯୋଗଶିକ୍ଷା ଶିବିର ଆୟୋଜିତ ହେବ।

ଗୁରୁକୁଳ ଯୋଗଶିକ୍ଷା ଶିବିରରେ ଯୋଗ ଦେବାକୁ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ବୟସ ୮ରୁ ୧୪ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଶିବିରରେ ମୁଖ୍ୟତଃ ଆସନ, ପ୍ରାଣାୟାମ, ମୁଦ୍ରା, ମନ୍ତ୍ର, ଯୋଗ ନିଦ୍ରା, ଚିତ୍ରାଙ୍କନ, ଭଗବତ୍ ଗୀତା ଆଦି ବିଷୟରେ ଶିକ୍ଷା ଦିଆଯିବ। ପ୍ରତିଦିନ ଅପରାହ୍ଣ ୪ଟା ୩୦ରୁ ସନ୍ଧ୍ୟା ୮ଟା ୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗ ଶିକ୍ଷାର ଆଦର ବଢ଼ାଇବା ସହିତ ସ୍ମରଣଶକ୍ତି ତଥା ମନର ସ୍ଥିରତା ଓ ଏକାଗ୍ରତା ବୃଦ୍ଧି ଏବଂ ବ୍ୟକ୍ତିତ୍ୱ ବିକାଶ ନିମନ୍ତେ ଶିକ୍ଷା ଦିଆଯିବ। ଏହା ସହ ଆସନ୍ତା ଏପ୍ରିଲ ୨୪ ତାରିଖରୁ ମଇ ୩୦ ତାରିଖ ପର୍ଯ୍ୟନ୍ତ ଏକ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ମଧ୍ୟ ଏଠାରେ ଆୟୋଜିତ ହେବ। ଏହି ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଆସନ, ପ୍ରାଣାୟାମ, ମୁଦ୍ରା, ବନ୍ଧ ଓ ସଟକର୍ମ ସହିତ ବିଭିନ୍ନ ରୋଗର ସବିଶେଷ ଯୋଗ ଉପଚାର ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯିବ। ଏହାଦ୍ୱାରା ଜଣେ ବ୍ୟକ୍ତି ନିଜକୁ ଦକ୍ଷ ଯୋଗ ଶିକ୍ଷକ ଭାବେ ଗଢ଼ିପାରିବେ। ଏଥିପାଇଁ ବିଦ୍ୟାଳୟରେ ଆବାସିକ ବ୍ୟବସ୍ଥା ଓ ପାଠାଗାର ସୁବିଧା ରହିଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଯୋଗ ବିଦ୍ୟାଳୟ ତରଫରୁ ଆତ୍ମନିଯୁକ୍ତି ପାଇଁ ସହାୟତା ଯୋଗାଇ ଦିଆଯିବ।

ଶିବିରରେ ସୁଯୋଗ ନେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କ ଅଭିଭାବକ ଅଧିକ ବିବରଣୀ ପାଇଁ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ କାର୍ଯ୍ୟାଳୟ, ଏ୬/୨, ଜୟଦେବ ବିହାର କିମ୍ବା ଫୋନ୍ ନମ୍ବର: ୯୦୪୦୨୪୮୯୬୦, ୯୪୩୭୨୦୬୩୯୫ ସହ ଯୋଗାଯୋଗ କରିବାକୁ ଯୋଗ ବିଦ୍ୟାଳୟର ନିର୍ଦ୍ଦେଶକ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ଅନୁରୋଧ କରିଛନ୍ତି।

ହରିଶଙ୍କର ମହୋତ୍ସବ ପାଂଚ ଦିନକୁ ବୃଦ୍ଧି

ବଲାଙ୍ଗିର, ୧୩/୦୪ (ନି.ପ୍ର): ହରିଶଙ୍କର ରାଜ୍ୟର ଏକ ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ତଥା ତୀର୍ଥକ୍ଷେତ୍ର ଅଟେ । ବିଶ୍ୱ ଐତିହ୍ୟ ତାଲିକାରେ ଏହା ସ୍ଥାନ ପାଇଅଛି । ଏଠାରେ ଥିବା ଗନ୍ଧମାର୍ଦ୍ଦନ ପର୍ବତ ଜୈବ ବିବିଧତା ଐତିହ୍ୟ ସ୍ଥଳଭାବେ ମାନ୍ୟତା ପାଇଛି । ନୃସିଂହ ଚତୁର୍ଦ୍ଦଶୀ ମେଳା ତଥା ହରିଶଙ୍କର ମହୋତ୍ସବ ବହୁ ପୁରୁଣା କାଳରୁ ଏଠାରେ ଅନୁଷ୍ଠିତ ହୋଇଆସୁଅଛି । ଏହି ମହୋତ୍ସବକୁ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଏହାକୁ ରାଜ୍ୟସ୍ତରୀୟ ମାନ୍ୟତା ଦେବାକୁ ହରିଶଙ୍କର ମହୋତ୍ସବ ପ୍ରସ୍ତୁତି ବୈଠକରେ ଦାବୀ ହୋଇଛି । ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପାଟଣାଗଡ ଉପଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ମଙ୍ଗଳବାର ହରିଶଙ୍କରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବୈଠକ ଆରମ୍ଭରେ ହରିଶଙ୍କର ମହୋତ୍ସବ ବିଗତ ବର୍ଷମାନଙ୍କରେ ତିନି ଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଏହା ପାଂଚ ଦିନକୁ ବୃଦ୍ଧି କରାଯାଇଥିବା ନେଇ ଉପଜିଲ୍ଲାପାଳ ସୂଚନା ଦେଇଥିଲେ । ଏହି ବୈଠକରେ ସାଂସ୍କୃତିକ କାର୍ଯ୍ୟକ୍ରମ, ହୋମଯଜ୍ଞ, ପଲ୍ଲୀଶ୍ରୀ ମେଳା, ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ସଫେଇ ତଥା ଆଇନ ଶୃଙ୍ଖଳା ଆଦି ବିଷୟରେ ଆଲୋଚନା କରାଯିବା ସହିତ ଉପଜିଲ୍ଲାପାଳ ସମସ୍ତ ସଦସ୍ୟମାନଙ୍କର ମତ ଲୋଡିଥିଲେ। ଏହି ଅବସରରେ ଅଧ୍ୟାପନା କମିଟି, ସାଂସ୍କୃତିକ ଦଳ କମିଟି, ଶାନ୍ତି କମିଟି, ମନ୍ଦିର ଦର୍ଶନ କମିଟି, ଜଳ ଯୋଗଣ, ଡାକ୍ତରୀ ସେବା, ଖାଦ୍ୟ କମିଟି, ଆଲୋକ ବ୍ୟବସ୍ଥା, ଷ୍ଟେଜ-୧, ଷ୍ଟେଜ-୨, ହୋମଯଜ୍ଞ, ସଫେଇ, ସୂଚନା କେନ୍ଦ୍ର, ଶାନ୍ତି କମିଟି ଆଦି ଗଠନ କରାଯାଇ ବିଭିନ୍ନ ଲୋକଙ୍କୁ ଦାୟିତ୍ୱ ବଂଟନ କରାଯାଇଥିଲା । ମହୋତ୍ସବରେ ମଦ୍ୟପାନ ନିଷେଧ ସହିତ ସମ୍ପୂର୍ଣ୍ଣ ଭାବେ ମଦମୁକ୍ତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମନ୍ଦିର ନିକଟରୁ ନାନ୍ଦୁପଲା ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀମାନେ ମହୋତ୍ସବରେ ଉପସ୍ଥିତ ରହି ସେବା କାର୍ଯ୍ୟ କରିବା ପାଇଁ ଅଧ୍ୟାପକ ବଳଭଦ୍ର ଦାଶଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଏହି ବୈଠକରେ ଦେବୋତ୍ତର କମିଟି ସଦସ୍ୟ ଇନ୍ଦୁଭୂଷଣ ଠାକୁର, ଓମ ପ୍ରକାଶ ଯୋଶୀ, ଝାରୁ ମେହେର, ଶଶି ପୁଝାରୀ, ବିପ୍ର ବିଶି, ରୋହିତାଶ୍ୱ ମେହେର, ଫଂଚୁଦେବ ସାହୁ, ଏସ୍‌ଡିଆଇପିଆରଓ ସଞ୍ଜୀବ ମହାନ୍ତି, ପାଟଣାଗଡ ସିଭିଲ ସୋସାଇଟି ସଭାପତି ଘନଶ୍ୟାମ ମେହେରଙ୍କ ସହିତ ବରିଷ୍ଠ ନାଗରିକ ନିଳମାଧବ ପାଣିଗ୍ରାହୀ ଏବଂ ସୁଶୀଲ ନାଏକ, ମନ୍ଦିର ସବ୍‌କମିଟିର ସଦସ୍ୟ ସୁଶିଲ ଗୁରୁ, ଶତ୍ରୁଘନ ନାଏକ, ଟିକେଶ୍ୱର ଧରୁଆ, ବଳରାମ ବେହେରା, ଗଜରାଜ ନାଗ, କ୍ଷମାନିଧି ଭୋଇ, ପ୍ରହଲ୍ଲାଦ ଚାନ୍ଦ, ସଦାଶିବ ସରାଫ, ବଂଶୀଧର ସେଠ, ଉମାକାନ୍ତ ପଧାନ, ଜ୍ୟୋତିରଞ୍ଜନ ପଣ୍ଡା, ତାପସ ରଞ୍ଜନ ବେହେରା, ପଂଚମ ପଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଦେବୋତ୍ତର କାର୍ଯ୍ୟାଳୟର କ୍ଲର୍କ ଦିଲିପ କୁମାର ବଗର୍ତ୍ତି ଏବଂ ମନ୍ଦିର ମ୍ୟାନେଜର ଗୁପ୍ତେଶ୍ୱର କୁଅଁର ବୈଠକରେ ତଥ୍ୟ ଉପସ୍ଥାପନ କରିଥିଲେ । ଦେବୋତ୍ତର କମିଟି ସଦସ୍ୟ ଅଭୟ ତ୍ରିପାଠୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜ୍ୟ ବାର୍ କାଉନସିଲ ନିର୍ବାଚନ ପାଇଁ କେନ୍ଦ୍ରାପଡାରେ ପ୍ରଚାର

କେନ୍ଦ୍ରାପଡ଼ା, ୧୩/୦୪ (ନି.ପ୍ର): ଓଡିଶା ରାଜ୍ୟ ବାର୍ କାଉନସିଲ ନିର୍ବାଚନ ପାଇଁ ପ୍ରାର୍ଥୀ ହୋଇଥିବା ଆଇନଜୀବି ମାନେ କେନ୍ଦ୍ରାପଡାରେ ପ୍ରଚାର ଅଭିଯାନ ଚଳାଇଛନ୍ତି । ଚଳିତ ମାସ ୧୫ ତାରିଖରେ ବାର୍ କାଉନସିଲ ନିର୍ବାଚନ ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ଅଦାଲତ ପରିସରରେ ଭୋଟ ଗ୍ରହଣ କରାଯିବ । ମାନ୍ୟବର ଏସ୍.ଡି.ଜେ.ଏମ୍ ଓ ପଟ୍ଟାମୁଣ୍ଡାଇ ରେ ଜେ.ଏମ୍.ଏଫ.ସି ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭୋଟ ଗ୍ରହଣ କରାଯିବ । ୨୫ଟି ପଦବୀ ପାଇଁ ଚଳିତ ବର୍ଷ ୯୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଦୈନିକ ବିଭିନ୍ନ ପ୍ରାର୍ଥୀ ସେମାନଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର ପାଇଁ କେନ୍ଦ୍ରାପଡାର ଆଇନିଜୀବି ମାନଙ୍କୁ ଭେଟି ପ୍ରଚାର ଚଳାଇଛନ୍ତି । ବରିଷ୍ଠ ଆଇନଜୀବି ଖଣି ଭୂଷଣ ରଥ, ଅରୂପାନନ୍ଦ ଦାସ, ସୌଭାଗ୍ୟ ଶଙ୍କର ଦେଓ ଓ ଶଶି ଭୂଷଣ ଦାସ ପ୍ରମୁଖ ପ୍ରାର୍ଥୀମାନେ କେନ୍ଦ୍ରାପଡାରେ ଜୋରଦାର ପ୍ରଚାର କରୁଥିବା ଦେଖିବାକୁ ମିଳିଛି ।

ଅର୍ଥ ସାଜିଛି ବାଧକ: ଅଜଣା ରୋଗରେ ପଡି ବଂଚିବାର ରାହା ଖୋଜୁଛି କୁନି ଝିଅ ଝରଣା

ହରିଚନ୍ଦନପୁର, ୧୩/୦୪ (ନି.ପ୍ର): ଦିନେକି ଦୁଇ ଦିନ ନୁହେଁ ଦୀର୍ଘ ୭ବର୍ଷ ହେବ ଅଜଣା ରୋଗରେ ପୀଡିତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି କୁନି ଝିଅ ଝରଣା । ବୁଲି ଖେଳିବା ବୟସରେ ବିଛଣାରେ ପଡିରହି ଅସହ୍ୟ ଯନ୍ତ୍ରଣାରେ କଷ୍ଟ ଭୋଗୁଛି ଏହି କୁନି ଝିଅ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ଗ୍ରାମର କ୍ଷେତ୍ରବାସୀ ମାଝୀ ଓ ସୁରବାଲି ମାଝିଙ୍କ ୮ବର୍ଷର ଝିଅ ଝରଣା ମାଝୀ । ଦୀର୍ଘ ୭ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ବିଛଣାରେ ପଡିରହି ଅନେକ ଦୁଃଖ କଷ୍ଟ ଭୋଗୁଥିବା ସହ ବଂଚିବାର ରାହା ଖୋଜୁଛନ୍ତି ଝରଣା । ଜନ୍ମର ୬ମାସ ବୟସରୁ ଅଜଣା ରୋଗରେ ପୀଡିତ ଝରଣା, ନା ଚାଲି ପାରୁଛନ୍ତି, ନା କହି ପାରୁଛନ୍ତି, ନା କୌଣସି କାର୍ଯ୍ୟ କରି ପାରୁଛନ୍ତି । ଦିନ ରାତି ବିଛଣାରେ ପଡିରହି କେବଳ ଯନ୍ତ୍ରଣା ହିଁ ଭୋଗୁଛି । ସତେ ଯେମିତି ବଂଚିବାଟା ଅଭିଶାପ ପାଲଟି ଯାଇଛି ଏହି କୁନିଝିଅ ପାଇଁ। ବାପା କ୍ଷେତ୍ରବାସୀ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ପତ୍ନୀ ସୁରବାଲି ଓ ଦୁଇ ପୁଅ ଏବଂ ବଡ଼ଝିଅ ଝରଣାକୁ ନେଇ ଚିନ୍ତାରେ ପରିବାର । ବଡ ଝିଅ ଝରଣାର ଏଭଳି ଅବସ୍ଥା ପରିବାର ଲୋକଙ୍କ ସୁଖ ଛଡାଇ ନେଇଛି । ସ୍ୱଳ୍ପ ରୋଜଗାରରେ ପରିବାର ଚଳୁଥିବା ବେଳେ ଯେତିକି ସାମର୍ଥ୍ୟ ଥିଲା ବିଭିନ୍ନ ସ୍ଥାନରେ ଚିକିତ୍ସା କରାଇଛନ୍ତି । କ୍ଷେତ୍ରବାସୀ ସବୁଠି ନିରାଶ ହୋଇ ଶେଷରେ ଭାଗ୍ୟକୁ ଆଦରି ରହିଛନ୍ତି । ଏଭଳି ପରିସ୍ଥିତିରେ ସରକାରୀ ସହାୟତାକୁ ଚାହିଁ ରହିଛନ୍ତି ପରିବାର ଲୋକେ । ଝରଣାର ଚିକିତ୍ସା ସହ ଭିନ୍ନକ୍ଷମ ଭତା ଯଦି ପ୍ରଶାସନ ଯୋଗାଇ ଦିଆନ୍ତା ତେବେ ଏହି ଦୁଃଖୀ ପରିବାର ମୁହଁରେ ଟିକିଏ ହସ ଫୁଟି ପାରନ୍ତା ବୋଲି ମତପ୍ରକାଶ ପାଇଛି । ଏନେଇ ଆମେ ଭଗାମୁଣ୍ଡା ସରପଂଚ ଫୁଲମଣି ନାଏକଙ୍କୁ ପଚାରିବାରୁ ସେ କ୍ଷେତ୍ରବାସୀଙ୍କ ପରିବାର ଲୋକଙ୍କୁ ଭେଟିବା ସହ ଯଥା ସମ୍ଭବ ସରକାରୀ ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ଯଥା ସମ୍ଭବ ଚିକିତ୍ସାର ବ୍ୟବସ୍ଥା କରାଇବାକୁ ପରିବାର ସହ ସ୍ଥାନୀୟ ଜନସାଧାରଣଙ୍କ ଦାବି ହୋଇଛି ।

୮୮ ହଜାର ଶ୍ରମିକ ନିଖୋଜ

କଟକ : କଟକ ଜିଲ୍ଲାରେ କୋଭିଡ ସମୟରେ ନାମ ପଂଜୀକରଣ କରିଥିବା ୮୮ ହଜାର ଶ୍ରମିକ କୁଆଡ଼େ ଗଲେ ? ତିନି ବର୍ଷ ହେଲା ସେମାନଙ୍କ ପତ୍ତା ମିଳୁନି କାହିଁକି ? ସେମାନଙ୍କ ପାଇଁ ଆସିଥିବା ୧୧ କୋଟି ୪୨ ଲକ୍ଷ ୪୭ ହଜାର ୫ଶହ ଟଙ୍କା କେଉଁ ବାଟରେ ବିନିଯୋଗ ହେଲା ? ଏଭଳି ଅନେକ ପ୍ରଶ୍ନ ଏବେ ଶ୍ରମିକଙ୍କ ନାମ ପଂଜୀକରଣକୁ ନେଇ ହୋଇଥିବା ବଡ଼ କେଳେଙ୍କାରୀର ସୂଚନା ଦେଉଛି। ନାମ ପଂଜୀକରଣ ହୋଇଥିବା ଶ୍ରମିକଙ୍କ ମଧ୍ୟରୁ ୧୧ ହଜାର ୮୫୧ ଜଣ ଶ୍ରମିକ ପ୍ରାପ୍ୟ ନେବାକୁ ନ ଆସିବାରୁ ୧ କୋଟି ୭୭ ଲକ୍ଷ ଟଙ୍କା ଫେରି ଆସିଛି। କିନ୍ତୁ ବିଭିନ୍ନ ବ୍ଲକକୁ ଶ୍ରମ ବିଭାଗ ସଂପୂର୍ଣ୍ଣ ତଥ୍ୟ ମାଗି ଚାଲିଥିଲେ ବି ଜିଲ୍ଲାର ୫ଟି ବ୍ଲକ୍, ଚୌଦ୍ୱାର ପୌରପାଳିକା, ଆଠଗଡ଼ ଓ ବାଙ୍କୀ ଏନ୍‌ଏସି ପକ୍ଷରୁ ହିସାବ ଦିଆଯାଉନି। ତଥ୍ୟ ଅନୁସାରେ, କଟକ ଜିଲ୍ଲାରେ ୧ ଲକ୍ଷ ୮୭ ହଜାର ୫୩୧ ଶ୍ରମିକ ନାମ ପଞ୍ଜୀକରଣ କରିଥିଲେ। କୋଭିଡ୍ ସମୟରେ କାମଧନ୍ଦା ପାଇଁ ଶ୍ରମିକ ହନ୍ତସନ୍ତ ହୋଇଥିବା ବେଳେ ବାହାର ରାଜ୍ୟକୁ କାମ ପାଇଁ ଯାଇଥିବା ଶ୍ରମିକ ଗାଁକୁ ଫେରି ଆସିଥିଲେ। ସେମାନଙ୍କ ଆର୍ଥିକ ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ପ୍ରତି ଶ୍ରମିକ ପିଛା ୧୫ଶହ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। କଟକ ଜିଲ୍ଲାକୁ ସହାୟତା ପ୍ରଦାନ ନିମନ୍ତେ ୧ ଲକ୍ଷ ୮୭ ହଜାର ୫୩୧ ଜଣ ଶ୍ରମିକଙ୍କ ପାଇଁ ୨୮ କୋଟି ୧୨ ଲକ୍ଷ ୯୬ ହଜାର ୫୦୦ ଟଙ୍କା ଆସିଥିଲା। ଏହା ସବୁ ବ୍ଲକ୍‌ର ବିଡିଓଙ୍କ ସମେତ ସିଏମ୍‌ସି, ପୌରପାଳିକା ଓ ଏନ୍‌ଏସିକୁ ଦିଆଯାଇଥିଲା। ସେମାନଙ୍କୁ ଶ୍ରମିକଙ୍କ ତାଲିକା ସହ ଉକ୍ତ ଟଙ୍କା ଦିଆଯାଇଥିଲା। ସେମାନେ ତାଲିକା ଅନୁସାରେ ଟଙ୍କା ବାଣ୍ଟିବା ସହ କେତେଜଣ ଶ୍ରମିକଙ୍କୁ କେତେ ଟଙ୍କା ବଣ୍ଟନ କରାଗଲା ଓ କେତେ ଟଙ୍କା ବଳକା ରହିଲା ସେସବୁର ତଥ୍ୟ ଶ୍ରମ ବିଭାଗ ପାଖରେ ଦାଖଲ କରିବା କଥା। କଟକ ଜିଲ୍ଲାରେ ୧୪ଟି ବ୍ଲକ୍ ମଧ୍ୟରୁ ୯ଟି ବ୍ଲକ୍ ବଣ୍ଟନ କରିଥିବା ଟଙ୍କା ଓ ବଳକା ଟଙ୍କାର ତଥ୍ୟ ଦେବା ସହିତ ବଳକା ଟଙ୍କା ମଧ୍ୟ ଫେରସ୍ତ କରିଛନ୍ତି। ହେଲେ ନିଆଳି, ବଡମ୍ବା, ନରସିଂହପୁର, ବାଙ୍କୀ ଓ ବାଙ୍କୀ-ଡ଼ମପଡା ବ୍ଲକ୍ ଏହି ତଥ୍ୟ ଦେଉ ନାହାନ୍ତି। ବାରମ୍ବାର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ଚିଠି ଗଲେ ମଧ୍ୟ ତାହାକୁ ସଂପୃକ୍ତ ୫ଟି ବ୍ଲକ୍ ଖାତିର କରୁନାହାନ୍ତି। ମାର୍ଚ୍ଚ ସରିଥିଲେ ବି ୟୁ.ସି ଓ ବଳକା ଟଙ୍କା ଫେରସ୍ତ କରାଯାଉ ନଥିବାରୁ ଏବେ ଜିଲ୍ଲା ଶ୍ରମ ବିଭାଗର ବି ସମସ୍ୟା ବଢିଛି। ବଡ଼ମ୍ବାର ୨୫,୮୬୨ ଶ୍ରମିକଙ୍କ ପାଇଁ ୩ କୋଟି ୮୭ ଲକ୍ଷ ୯୩ ହଜାର ଟଙ୍କା ଦିଆଯାଇଥିଲା ବେଳେ ନିଆଳିକୁ ୫୩୧୫ ଶ୍ରମିକଙ୍କ ପାଇଁ ୭୯ ଲକ୍ଷ ୭୨ ହଜାର ୫୦୦ ଟଙ୍କା, ନରସିଂହପୁରକୁ ୨୬ ହଜାର ୫୭୭ ଶ୍ରମିକଙ୍କ ପାଇଁ ୩ କୋଟି ୯୮ ଲକ୍ଷ ୬୫ ହଜାର ୫୦୦ ଟଙ୍କା, ବାଙ୍କୀକୁ ୯୯୯୩ ଶ୍ରମିକଙ୍କ ପାଇଁ ୧ କୋଟି ୪୯ ଲକ୍ଷ ୮୯ ହଜାର ୫ଶହ ଟଙ୍କା, ବାଙ୍କୀ-ଡମପଡ଼ାର ୫୦୦୭ ଶ୍ରମିକଙ୍କ ପାଇଁ ୭୫ ଲକ୍ଷ ୫୧ ହଜାର ୫୦୦ ଟଙ୍କା, ଚୌଦ୍ୱାର ପେ ?ରପାଳିକାର ୧୪୮୦ ଶ୍ରମିକଙ୍କ ପାଇଁ ୨୨ ଲକ୍ଷ ୨୦ ହଜାର ଟଙ୍କା, ଆଠଗଡ଼ ଏନ୍‌ଏସିର ୧୧୪୭ ଶ୍ରମିକଙ୍କ ପାଇଁ ୧୭ ଲକ୍ଷ ୨୦ ହଜାର ୫୦୦ ଟଙ୍କା, ବାଙ୍କୀ ଏନ୍‌ଏସିର ୭୮୪ ଶ୍ରମିକଙ୍କ ପାଇଁ ୧୧ ଲକ୍ଷ ୭୬ ହଜାର ଟଙ୍କା ତିନି ବର୍ଷ ହେଲାଣି ଦିଆଯାଇଛି। କିନ୍ତୁ ତାହାର ବିନିଯୋଗ ସଂପର୍କିତ ତଥ୍ୟ ଦିଆଯାଉ ନଥିବାରୁ ଏହା ପଛରେ ଥିବା କେଳେଙ୍କାରୀକୁ ନେଇ ସନ୍ଦେହ ବଢିବାରେ ଲାଗିଛି। ୧୧ କୋଟି ୪୨ ଲକ୍ଷ ଟଙ୍କା କୁଆଡେ ଗଲା, ତାହାର ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ହୁଏତ ଦୁର୍ନୀତିର ପର୍ଦ୍ଦାଫାସ ହେବ ବୋଲି ଆଶା କରାଯାଉଛି।

କେନ୍ଦ୍ରାପଡ଼ାରେ ଏସ୍‌ଇବିସି ସର୍ଭେ ପାଇଁ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା, ୧୩/୦୪ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ସମ୍ମିଳନୀ କକ୍ଷରେ ଏସ୍‌ଇବିସି ସର୍ଭେ ୨୦୨୩ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରଶିକ୍ଷଣ ଶିବିର ସୁପର ଭାଇଜର ଓ ଏନୁମେରଟର (ପରିଗଣନାକାରୀ) ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଡେପୁଟି କଲେକ୍ଟର ଶ୍ରୀକାନ୍ତ ପରିଜା, ଏମ୍‌ଇ ଦିଲିପ ସେଠୀ ପ୍ରମୁଖ ଉପସ୍ଥିତ ରହି ୨୫ ଜଣ ସୁପର ଭାଇଜର ଓ ଏନୁମେରଟର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ମଇ ୧ ତାରିଖରୁ ମଇ ମାସ ୨୭ ତାରିଖ ମଧ୍ୟରେ ହେବାକୁ ଥିବା ଏହି ସର୍ଭେ କାର୍ଯ୍ୟକ୍ରମ ନିର୍ଦ୍ଦିଷ୍ଟ ସମୟରେ ସାରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରିବାକୁ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ନିର୍ଦ୍ଦେଶ ଦେଇଥିଲେ । ପୌରାଂଚଳର ୨୧ ଜଣ ପରିଗଣନାକାରୀ ଓ ୫ ଜଣ ସୁପର ଭାଇଜର ସମସ୍ତ ସେଣ୍ଟର ରେ ଉପସ୍ଥିତ ରହି ଏହି ସର୍ଭେ କାର୍ଯ୍ୟକ୍ରମକୁ ଗୁରୁତର ସହ ଶେଷ କରିବା ପାଇଁ ବୈଠକରେ ଆଲୋଚନା କରାଯାଇ ଥିବା ଜଣାପଡିଛି ।

ସାପ୍ତାହିକ ବଜାରରେ ରେଡକ୍ରସ ତରଫରୁ ଅଂଶୁଘାତ ପ୍ରତି ସାବଧାନତା କାର୍ଯ୍ୟକ୍ରମ

ବଲାଙ୍ଗିର, ୧୩/୦୪ (ନି.ପ୍ର): ସଇଁନ୍ତଲା ବ୍ଲକ ଅନ୍ତର୍ଗତ ଡେଙ୍ଗା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜୁନିୟର ରେଡକ୍ରସ ତରଫରୁ ଗ୍ରାମ ପଂଚାୟତ ସାପ୍ତାହିକ ବଜାରରେ ଅଂଶୁଘାତ ପ୍ରତି ସାବଧାନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ତତ୍ତ୍ୱାବଧାନ ତଥା ଜୁନିୟର ରେଡକ୍ରସ କାଉନସିଲର

ନବବର୍ଷର ନୂଆ ଚେତନା

ମୀରା ବେଉରା

ସାଧାରଣ ମଣିଷଟିଏ ଯାଯାବର ଜୀବନକୁ ପରିହାର କରି ଯେଉଁଦିନ ଗୋଷ୍ଠୀଜୀବନ ବଞ୍ଚିବାକୁ ଆରମ୍ଭ କଲା ଠିକ୍ ସେହିଦିନଠାରୁ ବିଭିନ୍ନ ପର୍ବପର୍ବାଣୀ ଏବଂ ଉତ୍ସବ ପାଳନ କରିବା ଆରମ୍ଭ ହୋଇଛି। ଉତ୍କଳ ଭୂମି ସମଗ୍ର ଭାରତ ବର୍ଷରେ ଏଭଳି ଏକ ପୁଣ୍ୟତୀର୍ଥ ଭୂମି ଯେଉଁଠି କେଉଁ ଅନାଦି କାଳରୁ ବିଭିନ୍ନ ପର୍ବପର୍ବାଣୀ ପାଳନ କରାଯାଇ ଏହାର ପୁରପଲ୍ଲୀ ବେଶ୍ ଆନନ୍ଦ ଉତ୍ସବ ମୁଖର ହୋଇଥାଏ। ବାରମାସରେ ଏଠି ତେର ପରବ। ନିଜର ସଂସ୍କୃତି, ଭାଷା, କଳା, ଐତିହ୍ୟ, ପରମ୍ପରାକୁ ନେଇ ଏହି ଉତ୍କଳ ସମଗ୍ର ବିଶ୍ୱରେ ମଧ୍ୟ ଅଭିନନ୍ଦନୀୟ। ଓଡ଼ିଆ ନବବର୍ଷ ଉତ୍କଳୀୟ ପରମ୍ପରାର ଏକ ଅଭିନବ ପର୍ବ। ଏହି ନବବର୍ଷ ବେକଳ ବ୍ୟକ୍ତିର ପ୍ରାଣରେ ଆନନ୍ଦ ବର୍ଦ୍ଧନ କରିନଥାଏ ଏହା ଆମର ସାମାଜିକ ସଂହତିକୁ ମଧ୍ୟ ସୁଦୃଢ଼ କରିଥାଏ। ପ୍ରକୃତରେ ଏହି ଧାର୍ମିକ ପର୍ବ ଆଧୁନିକ ମଣିଷ ମନରେ ବିଷାଦ ଭାବନାକୁ ହଟାଇ ଦେଇ ତା' ମନରେ ସାତ୍ତ୍ୱିକ ଭାବନାକୁ ଜାଗ୍ରତ କରିବା ସଙ୍ଗେ ସଙ୍ଗେ ତାର ଆଧାତ୍ମିକ ଚେତନାକୁ ମଧ୍ୟ ଉଜ୍ଜୀବିତ କରେ। ଏହି ଓଡ଼ିଆ ନବବର୍ଷ କେବଳ ଓଡ଼ିଶାରେ ନୁହେଁ ବରଂ ସମଗ୍ର ଦେଶ ଏବଂ ବିଶ୍ୱରେ ରହୁଥିବା ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ନବ ଉନ୍ମାଦନା ରହୁଥିବା ଭରିଦିଏ ଏବଂ ବିଶ୍ୱାସକୁ ପ୍ରଗାଢ଼ କରେ। ଏହି ଓଡ଼ିଆ ନବବର୍ଷ ଆମର ଆଚାର, ବିଚାର, ସାଂସ୍କୃତିକ ଚିନ୍ତାଧାରାକୁ ମଜବୁତ୍ କରି ପ୍ରତ୍ୟେକଟି ଓଡ଼ିଆ ଭିତରେ ଗୋଟିଏ ଧର୍ମୀୟ ଭାବନା ସୃଷ୍ଟି କରି ସମଗ୍ର ବିଶ୍ୱରେ ରହୁଥିବା ପ୍ରତ୍ୟେକ ଓଡ଼ିଆକୁ ଏକାଠି କରି ଏକତା ସୂତ୍ରରେ ବାନ୍ଧି ପକାଇଥାଏ। ବୈଶାଖ ମାସରେ ଏହି ଓଡ଼ିଆ ନବବର୍ଷ ପାଳିତ ହୁଏ, ଯାହାକୁ ଆମେ ମହାବିଷୁବ ସଂକ୍ରାନ୍ତି ପର୍ବଭାବେ ଆମେ ପାଳିଥାଉ। ଏହି ବିଷୁବ ସଂକ୍ରାନ୍ତିରୁ ହିଁ ଆମର ନୂଆବର୍ଷ ଆରମ୍ଭ ହୁଏ। ବର୍ଷର ନୂଆ ପାଞ୍ଜି ମଧ୍ୟ ପାଠ କରାଯାଇଥାଏ। ଆମେ ସମସ୍ତେ ଜାଣୁ ଯେ ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର। ପୃଥିବୀ ଏବଂ ଅନ୍ୟଗ୍ରହ ମାନେ ଏହି ସୂର୍ଯ୍ୟଙ୍କ ଚାରିପଟେ ପରିକ୍ରମା କରି ସୂର୍ଯ୍ୟଙ୍କ ଉତ୍ତରାୟଣ ବା ଦକ୍ଷିଣାୟନ ଗତି ସମୟରେ ସୂର୍ଯ୍ୟ ଯେଉଁ ରାଶିରେ ଅବସ୍ଥାନ କରିବେ ତାହା ହିଁ ସୂର୍ଯ୍ୟଙ୍କ ରାଶି ହୋଇଥାଏ। ଗୋଟିଏ ରାଶିରୁ ଯେତେବେଳେ ଅନ୍ୟ ରାଶି ସୂର୍ଯ୍ୟ ଯାଇଥାନ୍ତି ତାଙ୍କର ଏହି ଗମନକୁ ହିଁ ସଂକ୍ରାନ୍ତି କୁହାଯାଏ। ସୂର୍ଯ୍ୟ ମେଷ ରାଶିକୁ ଚଳନ କରିଥିବାରୁ ଏହାକୁ ମେଷ ସଂକ୍ରାନ୍ତି ଏବଂ ସୂର୍ଯ୍ୟ ବିଷୁବ ରେଖା ଉପରେ ଥିବାରୁ ଏହି ସଂକ୍ରାନ୍ତିକୁ ମହାବିଷୁବ ସଂକ୍ରାନ୍ତି କୁହାଯାଏ। ଏହି ସଂକ୍ରାନ୍ତିରେ ନବଚେତନା, ନୂଆ ଉଦ୍ଦୀପନା, ନୂଆ ଶକ୍ତି ଲୋକଙ୍କ ଭିତରେ ସଂଚାରିତ ହୋଇଥାଏ। ଏହି ଦିବସକୁ ମଧ୍ୟ ପଣାସଂକ୍ରାନ୍ତି ବସୁନ୍ଧରା ଘଡ଼ିବସା ସଂକ୍ରାନ୍ତି ରୂପେ ପାଳନ କରାଯାଏ। ଏହି ଦିନ ଦିନରାତି ସମାନ ହୋଇଥାଏ। ସୂର୍ଯ୍ୟଙ୍କର ରଶ୍ମି ଏତେ ଉତ୍ତପ୍ତ ହୋଇଥାଏ ଯେ ଏଥିରୁ ବର୍ତ୍ତିବା ପାଇଁ ବିଭିନ୍ନ ପ୍ରକାର ପଣା ପ୍ରସ୍ତୁତ କରି ସମସ୍ତେ ପାନ କରି ତୃପ୍ତିଲାଭ କରିଥାନ୍ତି। କେବଳ ସେତିକି ନୁହେଁ ହୋମ, ଯଜ୍ଞ ବିଭିନ୍ନ ଦେବାଳୟ ତଥା ଘରେ ଘରେ ମଧ୍ୟ ଆୟୋଜିତ କରାଯାଇଥାଏ। ଆବାଳବୃଦ୍ଧ ବନିତା ଏହି ପବିତ୍ର ଦିନରେ ପଣା ପାନ କରି ଆନନ୍ଦ ଉତ୍ସବ ମୁଖର ହୋଇଥାନ୍ତି। ବିଭିନ୍ନ ପଥଚାରୀମାନଙ୍କୁ ମଧ୍ୟ ଆମ ଓଡ଼ିଆ ସଂସ୍କୃତିରେ ଜଳଦାନ କରି ସମସ୍ତେ ଖୁସି ହୁଅନ୍ତି। ସମସ୍ତ ଜୀବଜନ୍ତୁ, ବୃକ୍ଷ ଆଦି ସମସ୍ତ ପ୍ରାଣୀଙ୍କୁ ଏହିଦିନଠାରୁ ଜଳପ୍ରଦାନ କରି ଆମେ ଆନେକ ଆନନ୍ଦ ଅନୁଭବ କରୁ। ଏହି ବୈଶାଖ ମାସରେ ଓଡ଼ିଆଣୀମାନଙ୍କ ପ୍ରାଣର ଦେବୀ ମା' ତୁଳସୀ ଦେବୀଙ୍କ ଚଉରାମୂଳେ ନଡ଼ିଆ ବାହୁଙ୍ଗା ବାନ୍ଧି ଶିକା କରାଯାଇ ସେହି ଶିକାରେ ଗୋଟିଏ ବସୁନ୍ଧରା ଘଡ଼ି ରଖି ତା'ର ସରୁକଣା ଥିବା ଗାତରେ କୁଶ ଲଗାଯାଇ ଜଳ ଅର୍ଘ ଦିଆଯାଇ ପୂଜା କରାଯାଇଥାଏ। ସେହି ସରୁକଣା ବାଟେ ତୁଳସୀ ଗଛକୁ ଜଳ ସବୁ ଝରିପଡୁଥାଏ। ପ୍ରତ୍ୟେକ ଓଡ଼ିଆଣୀ ଏହି ଜଳ ଚଉରାମୂଳେ ତୁଳସୀକୁ ଦେଇ ଆତ୍ମତୃପ୍ତି ପାଇଥାନ୍ତି। ସେହି ଚଉରାପାଣିରୁ ଢୋକେ ପାପୁଲିରେ ନେଇ ପାଟିରେ ଦେଇ ମଥାରେ ହାତ ପୋଛି ଆତ୍ମତୃପ୍ତିରେ ବିଭୋର ହୁଏ ସଂସ୍କୃତି ସମ୍ପନ୍ନା ପ୍ରତ୍ୟେକଟି ଓଡ଼ିଆ ଘରର ସ୍ତ୍ରୀ।

ଏହି ଓଡ଼ିଆ ନବବର୍ଷକୁ କେବଳ ପଣାସଂକ୍ରାନ୍ତି ରୂପେ ବା ମହାବିଷୁବ ସଂକ୍ରାନ୍ତି ରୂପେ ପାଳନ କରାଯାଇନଥାଏ ଏହି ଦିବସରେ ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଭକ୍ତ ମହାବୀର ହନୁମାନଙ୍କର ଜୟନ୍ତୀ ହୋଇଥିବାରୁ ପ୍ରତ୍ୟେକଟି ଓଡ଼ିଆ ଘରେ ମନ୍ଦିରରେ ହନୁମାନ ଚାଳିଶା ପାଠ, ଯଜ୍ଞ ଆଦି ଆୟୋଜନ କରାଯାଇ ବେଶ୍ ମହାଆଡ଼ମ୍ବରରେ ଏହି ହନୁମାନ ଜୟନ୍ତୀ ପାଳନ କରାଯାଇଥାଏ। ଏହାଛଡ଼ା ଝାମୁଯାତ୍ରା ମଧ୍ୟ ପାଳନ କରାଯାଏ। ମଙ୍ଗଳାଙ୍କ ପାଖେ ଉପବାସ ରଖି ଠାକୁରାଣୀଙ୍କ ଆଶୀର୍ବାଦ ଲାଭ କରି ଏହି ବ୍ରତଧାରୀମାନେ ଜ୍ୱଳନ୍ତ ଅଗ୍ନିରେ ଚାଲିଲେ ମଧ୍ୟ ତାଙ୍କର କିଛି ବି କ୍ଷତି ହୋଇନଥାଏ। ଅନେକ ଦୁଃସାହସିକ କାର୍ଯ୍ୟକରି ମା'ଙ୍କ ଆଶୀର୍ବାଦ ପ୍ରାପ୍ତ କରି ଜନମାନସର ଦୃଷ୍ଟି ଆକର୍ଷଣ କରିଥାନ୍ତି। ବାଲେଶ୍ୱର, ଗଞ୍ଜାମ, ପୁରୀ ଆଦି ଅଞ୍ଚଳରେ ଏହି ଝାମୁଯାତ୍ରା ଦେଖାଯାଇଥାଏ। କେବଳ ଓଡ଼ିଶାରେ ନୁହେଁ ଆସାମରେ ମଧ୍ୟ ଏହି ପର୍ବ 'ରୋଙ୍ଗାଲି ବିହୁ' ନାମରେ ପାଳନ କରାଯାଇଥାଏ। କେରଳର ଏହି ନବବର୍ଷକୁ 'ବିଷୁ ପର୍ବ' ଭାବେ ପାଳନ କରାଯାଇଥାଏ। ଉତ୍ତର ଭାରତର ପଞ୍ଜାବରେ ମଧ୍ୟ ଏହି ପର୍ବ ବୈଶାଖୀ ନାମରେ ପାଳନ କରାଯାଇଥାଏ। ପ୍ରତ୍ୟେକ ଓଡ଼ିଆ ଘରେ ପିଠାପଣା ପ୍ରସ୍ତୁତ କରାଯାଇ ଆନନ୍ଦ ଉଲ୍ଲାସରେ ଖିଆଯାଇଥାଏ। କେବଳ ପିଠାପଣା ନୁହେଁ ପାଚିଲା ବେଲରେ କ୍ଷୀର, ଗୁଡ଼, କଦଳୀ, ଛେନା, ଗୋଲମରିଚ ଗୁଣ୍ଡ ଆଦି ପକାଇ ସୁନ୍ଦର ରୁଚିକର ସ୍ୱାଦିଷ୍ଟ ସରବତ ଅର୍ଥାତ୍ ବେଲପଣା ପ୍ରସ୍ତୁତ କରାଯାଏ ଏବଂ ଏହି ପଣାକୁ ସମସ୍ତେ ପାନକରି ଆନନ୍ଦମୁଖର ହୁଅନ୍ତି। କିନ୍ତୁ ପ୍ରାୟତଃ ଦେଖାଯାଉଛି ପାଶ୍ଚାତ୍ୟ ମୋହରେ ହେଉ ଅବା ଅପସଂସ୍କୃତିର ମୋହରେ ହେଉ ଆଜିର ଯୁବପିଢ଼ି ଧୀରେ ଧୀରେ ନିଜ ସଂସ୍କୃତିରୁ ଛିନ୍ନ ହୋଇ ନିଜ ସଂସ୍କୃତିକୁ ପରମ୍ପରାକୁ ଖାଦ୍ୟ ପାନୀୟ ଶୈଳୀକୁ ଭୁଲିଯାଇ ବିଦେଶୀ ଖାଦ୍ୟପ୍ରତି ଧୀରେ ଧୀରେ ଆକର୍ଷିତ ହେଉଛି। ଯାହା ଓଡ଼ିଶାର ସଂସ୍କୃତି ପାଇଁ ଖୁବ୍ କ୍ଷତିକାରକ। ଆଜିର ଯୁବପିଢ଼ି ଇଂରାଜୀ ନବବର୍ଷକୁ ପାଳନ କରି ଧୀରେ ଧୀରେ ଓଡ଼ିଆ ପର୍ବପର୍ବାଣୀକୁ ଭୁଲିଯାଇ ଓଡ଼ିଆ ନବବର୍ଷକୁ ମଧ୍ୟ ଭୁଲି ଯିବାକୁ ବସିଲାଣି। ତେଣୁ ଅବକ୍ଷୟମୁଖୀ ଆମ ସମାଜକୁ ବଞ୍ଚାଇବା ପାଇଁ ଆମ ଯୁବପିଢ଼ିଙ୍କ ଭିତରେ ନିଜ ଭାଷା ନିଜ ପର୍ବପର୍ବାଣୀ, ନିଜ ସଂସ୍କୃତି ପ୍ରତି ପ୍ରେମ ତଥା ସହଭାବନା ସୃଷ୍ଟି କରିବାର ଦାୟିତ୍ୱ ଆମ ସମସ୍ତଙ୍କର। ଯଦି ଆମେ ସେହି ପବିତ୍ର ଭୂମି ଉତ୍କଳ ସନ୍ତାନମାନଙ୍କ ଭିତରେ ଓଡ଼ିଆ ପର୍ବପର୍ବାଣୀ ଓଡ଼ିଆ ଭାଷା, ଓଡ଼ିଆ ନବବର୍ଷ ପ୍ରତି ଯଦି ପ୍ରକୃତ ମମତା, ଶ୍ରଦ୍ଧା, ଭଲ ପାଇବା ସୃଷ୍ଟି କରିପାରିବା ତେବେ ତାହା ହିଁ ହେବ ଓଡ଼ିଆ ନବବର୍ଷ ପାଳନ କରିବାର ପ୍ରକୃତ ସାର୍ଥକତା। ଆମେ ସମସ୍ତେ ଗୋଟିଏ ସ୍ୱରରେ ଚାଲ କହି ଉଠିବା ଆମେ ଓଡ଼ିଆ ଭାରି ବଢ଼ିଆ। ଆମ ପର୍ବ କେତେ ମହାନ୍।

ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି, ତୁଳସୀପୁର, କଟକ
ମୋ:୯୮୫୩୩୫୦୩୮୪

ପଞ୍ଚମୁଖୀ ହନୁମାନ

ଗୋପୀନାଥ ଦାଶ

ପ୍ରଭୁ ହନୁମାନ ରାବଣ ଭାଇ ଅହିରାବଣକୁ ମାରିବା ପାଇଁ ପଞ୍ଚମୁଖୀ ଅବତାର ନେଇଥିଲେ। ହନୁମାନଙ୍କ ପଞ୍ଚମୁଖର ତାତ୍ପର୍ଯ୍ୟ ରହିଛି। ଶ୍ରୀ ହନୁମାନଙ୍କ ପୂର୍ବ ମୁଖ : ଏହା ପବିତ୍ରତା ଓ ସଫଳତାର ପ୍ରତୀକ। ନରସିଂହ ଦକ୍ଷିଣ ମୁଖ : ଏହା ବିଜୟ ଓ ନିର୍ଭୟତାର ପ୍ରତୀକ। ଗରୁଡ଼ ପଶ୍ଚିମ ମୁଖ : କଳା ଯାଦୁ ଓ ବିଷକୁ ହଟାଇବାର ପ୍ରତୀକ। ଉତ୍ତର ବରାହ ମୁଖ : ସମୃଦ୍ଧି ଓ ଧନସଂପତ୍ତିର ପ୍ରତୀକ। ହୟାଗ୍ରୀବ ମୁଖ : ଜ୍ଞାନ ଓ ଉତ୍ତମ ସନ୍ତାନ। ପ୍ରଭୁ ଶ୍ରୀରାମ ଏବଂ ରାବଣ ଯୁଦ୍ଧରେ ଅହିରାବଣର ଏକ ମାୟାରେ ସମସ୍ତ ସେନା ଗଭୀର ନିଦ୍ରାରେ ଶୋଇପଡ଼ିଲେ। ନିଦ୍ରାବସ୍ଥାରେ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଅହିରାବଣ ଅପହରଣ କରି ପାତାଳପୁରୀକୁ ନେଇଗଲା। ଏହି ସମୟରେ ସମସ୍ତେ ସଙ୍କଟ ମୋଚନ ପ୍ରଭୁ ଶ୍ରୀ ହନୁମାନଙ୍କୁ ସ୍ମରଣ କଲେ। ପ୍ରଭୁ ଶ୍ରୀ ହନୁମାନ ତୁରନ୍ତ ପାତାଳପୁରୀରେ ପହଞ୍ଚିଲେ ଓ ଦ୍ୱାରରେ ଜଗିଥିବା ରକ୍ଷକ ମକରଧ୍ୱଜକୁ ଯୁଦ୍ଧରେ ପରାସ୍ତ କଲେ। ପ୍ରଭୁ ଶ୍ରୀ ହନୁମାନ ଦେଖିଲେ ଚାରି ଦିଗରେ ପାଞ୍ଚଟି ଦୀପ ଜଳୁଛି ଓ ମା ଭବାନୀଙ୍କ ସମ୍ମୁଖରେ ପ୍ରଭୁ ଶ୍ରୀରାମ ଏବଂ ଲକ୍ଷ୍ମଣଙ୍କ ବଳି ପାଇଁ ପୁରାପୁରି ପ୍ରସ୍ତୁତ ହୋଇଛି। ଅହିରାବଣଙ୍କୁ ବଦ୍ଧ କରିବାକୁ ହେଲେ ଏହି ପାଞ୍ଚୋଟି ଦୀପକୁ ଏକା ସମୟରେ ଧ୍ୱଂସ କରିବାକୁ ହେବ ବୋଲି ଜାଣିପାରିଲେ। ଏହାଜାଣି ପାରି ପ୍ରଭୁ ଶ୍ରୀ ହନୁମାନ ପଞ୍ଚମୁଖ ଧାରଣ କଲେ। ଉତ୍ତର ଦିଗରେ ବରାହ ମୁଖ, ଦକ୍ଷିଣରେ ନରସିଂହ ମୁଖ, ପଶ୍ଚିମରେ ଗରୁଡ଼ ମୁଖ, ଆକାଶ ଆଡୁ ହୟଗ୍ରୀବ ମୁଖ ଏବଂ ପୂର୍ବ ଦିଗରେ ହନୁମାନ ମୁଖ ଧାରଣ କଲେ। ସମସ୍ତ ଦୀପକୁ ଧ୍ୱଂସ କରି ଶେଷରେ ଅହିରାବଣଙ୍କୁ ବଦ୍ଧ କଲେ।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ : ୮୮୯୫୨୯୬୧୬୭

ବାବାସାହେବ ଆମ୍ବେଦକର

ଅଲେଖ ଚନ୍ଦ୍ର ସାମଲ



ବାବା ସାହେବ ନାମରେ ଜଣାଶୁଣା ଭୀମରାଓ୍ୱ ରାମଜୀ ଆମ୍ବେଦକରଙ୍କୁ ଭାରତୀୟ ସମ୍ବିଧାନର ଜନକ ତଥା ଆଧୁନିକ ବୌଦ୍ଧ ଆନ୍ଦୋଳନର ସେନାପତି କୁହାଯାଏ। ସେ ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ। ମଉ (ଆଧୁନିକ ମଧ୍ୟ ପ୍ରଦେଶ ଅନ୍ତର୍ଗତ ସହର)ର ସେନା ଛାଉଣିରେ ୧୮୯୧ ଏପ୍ରିଲ ଆଜିର ଦିନରେ, ପରାଧୀନ ଭାରତରେ ଅଛୁଆଁ କୁହାଯାଉଥିବା ମହାର ଜାତିରେ ଜନ୍ମ ହୋଇ ଶୈଶବରେ ସେ ନିର୍ଯାତିତ ହୋଇଥିଲେ। ଅକଥନୀୟ ନିର୍ଯାତନା ହିଁ ତାଙ୍କୁ କରିଥିଲା ସାହସୀ ଓ ଦାମ୍ଭୀକ ଏବଂ ତାଙ୍କ ମଧ୍ୟରେ ସୃଷ୍ଟି କରିଥିଲା ନେତୃତ୍ୱ ନେବାର ଶକ୍ତି। ଫଳରେ ସେ କେବଳ କୌଣସି ଏକ ସଂପ୍ରଦାୟର ନୁହେଁ ଭାରତୀୟ ଜାତିର ନେତୃତ୍ୱ ନେବାରେ ସଫଳ ହୋଇଥିଲେ। ବହୁ ବାଧାବିଘ୍ନ ସତ୍ତ୍ୱେ ବାବାସାହେବ ହାଇ ସ୍କୁଲ ଶିକ୍ଷା ସାରି ବିବାହ କରିଥିଲେ। ମୁମ୍ବଇର ଏକ ହାଟ ମଧ୍ୟରେ ଦୋକାନ ବଜାର ବନ୍ଦ ହେବା ପରେ ତାଙ୍କର ବିବାହ ହୋଇଥିଲା। ବିବାହ ପରେ ଏଲ୍‌ଫିନ୍‌ଷ୍ଟୋନ୍ କଲେଜରେ ଉଚ୍ଚ ଶିକ୍ଷା। ତାହା ପରେ ଯୁକ୍ତରାଷ୍ଟ୍ର ଆମେରିକାରେ ଗବେଷଣା ଏବଂ ଲଣ୍ଡନରେ ଆଇନ ପାଠ। ବିଦ୍ୟାସାରି ବହୁ କୃତିତ୍ୱର ଅଧିକାରୀ ହୋଇ ଭାରତ ଫେରିବା ପରେ ସୁଦ୍ଧା ଜାତି ଜନିତ ଅପ୍ରୀତିକର ପରିସ୍ଥିତିରୁ ମୁକ୍ତି ପାଇପାରି ନଥିଲେ। ଏକ ସମୟରେ ଅଧସ୍ତନ କର୍ମଚାରୀମାନେ ତାଙ୍କ ହାତରେ ଫାଇଲ, କାଗଜପତ୍ର ଆଦି ନଦେଇ ଟେବଲ ଉପରେ ଫୋପାଡୁଥିଲେ। ଅପମାନିତ ହୋଇଚାଲିବାରୁ ଜାତିଆଣ ପ୍ରଥା ବିରୋଧରେ ସଂଗ୍ରାମ କରିବା ପାଇଁ ପ୍ରତିଜ୍ଞା କରି ଶେଷରେ ସଫଳ ହୋଇଥିଲେ। ଏକଦା ସେ ଲେଖିଥିଲେ, ଭାରତ ହେଉଛି ଅସମାନତାର ଦେଶ। ଏବଂ ଅସ୍ପୃଶ୍ୟତା ନିବାରଣ ମୋର ଜନ୍ମଗତ ଅଧିକାର। ୧୯୧୩ ମସିହା ଜୁନ୍ ୪ ତାରିଖରେ ବରୋଦା ରାଜାଙ୍କ ଚୁକ୍ତି ଅନୁଯାୟୀ ଭୀମା ଆମେରିକା ଗମନ କରିଥିଲେ। ୧୯୧୫ ମସିହାରେ ନିଜ ଲିଖିତ ସନ୍ଦର୍ଭ ଯୋଗୁଁ ସେ ସମ୍ମାନ ଜନକ ଡକ୍ଟରେଟ ଡିଗ୍ରୀ ପାଇ ଆମ୍ବେଦକର ନାମରେ ସାରା ବିଶ୍ୱରେ ପରିଚିତ ହେଲେ। ୧୯୨୩ ମସିହାରେ ଭାରତ ଫେରିବା ପରେ ୧୯୨୪ ମସିହା ମାର୍ଚ୍ଚ ୯ ତାରିଖରେ ଭାରତ ପାଇଁ ବିହଷ୍କୃତ ହିତ କାରିଣୀ ସଭା ନାମକ ଏକ ଅନୁଷ୍ଠାନ ଗଢ଼ି ଅଛୁଆଁ ଭେଦଭାବପ ଉଠାଇବା ପାଇଁ ଉଦ୍ୟମ କଲେ।

ଓଏଫଏସ-୧ (ଏସ୍.ବି.)
ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ: ୯୪୩୭୨୫୭୧୨୩

ପଣା ସଂକ୍ରାନ୍ତି

ଅନନ୍ତ କୁମାର

ବାର ମାସ ତେର ପରବରେ ଭରା
ଓଡିଶା ରାଇଜ ଆମର,
ସଂସ୍କୃତି ପରମ୍ପରା ଅଟେ ନିଆରା
ଆମ ଓଡ଼ିଆ ଜାତିର ।

ନୂତନ ବର୍ଷର ନୂତନ ପଞ୍ଜିକା
ହୁଏ ଆଜିଠୁ ଲେଖା
ପ୍ରାରମ୍ଭ ହୁଏ ପୁର ପଲ୍ଲୀରେ
ଆଜି ଠାରୁ ସବୁ ପୂଜା ।

ମେଦିନ କମ୍ପିବ ଦାଣ୍ଡ ଦୁଲୁକିବ
କମ୍ପିବ ଆଜି ଧରା
ଦେବା ଦେବୀ ପିଠେ ଲାଗି ହେବ
ମାନସିକ ମାଟି ଘୋଡ଼ା ।

ମା' ସାରଳା ମା' ବିରଜା ପୀଠେ
ହେବ ଆଜି ଝାମୁ ଯାତରା
ଭକତ ଭିତରେ ଉଠିବ ପଡିବ
ଆଜି ସାରା ଘଟଗାଁ ପରା ।
ବୈଶାଖ ଖରା ଚିକ୍ ମିକ ମାରେ
ପୁରା ରାଇଜ ସାରା,
ଜୟ ହନୁମାନ ଜୟ ହନୁମାନ
ଉଛୁଳେ ମନ୍ଦିର ସାରା ।

ବେଲ ପଣା ଲାଗି ହେବ ଆଜି
ତୁଳସୀ ଚଉଁରା ମୂଳେ,
ନାମ ସଂକୀର୍ତ୍ତନ ଆରମ୍ଭ ହୋଇବ
ଗ୍ରାମ ଦେବତୀ ପାଶେ ।

ଆରମ୍ଭ ହୋଇବ ସବୁ ଯାନି ଯାତରା
ଲାଗିବ ସବୁଠି କେତେ ମେଳା
ଗ୍ରୀଷ୍ମରେ ଶିଝିବ ଏବେଠୁ ଓଡ଼ିଶା
ବହିବ ସବୁଠି ଝାଞ୍ଜି ଖରା ।

କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ତିହିଡି, ଭଦ୍ରକ,
ମୋ: ୮୩୩୯୯୩୯୨୯

ଡକ୍ଟର ଭୀମରାଓ ଆମ୍ବେଦକର

ରମାକାନ୍ତ ଦାସ

ଭାରତ ମାଆର ସୁଯୋଗ୍ୟ ସନ୍ତାନ
ସଂସ୍କୃତି ନ୍ୟାୟର ମୂର୍ତ୍ତି ମନ୍ତ ପ୍ରତୀକ
ଏ ଦେଶର ତୁମେ ଗର୍ବ ଓ ଗୌରବ
ସୁସଂହତ ନାଗରିକ ।

ଶିଖେଇଲ ତୁମେ ଜାତିତ ଗୋଟିଏ
ତାହା ହେଉଛି ମଣିଷ
ଛୁଆଁ ଅଛୁଆଁର ଭେଦଭାବ ନରଖି
ଗଢ଼ିବା ସୁନାର ଦେଶ ।

ନୀତି ନିୟମକୁ ପ୍ରଣୟନ କରି
କାର୍ଯ୍ୟକାରୀ କଲ ସମ୍ବିଧାନ
ସାର୍ଥକ କରିଲ ନିଜ ନାମକୁ
ଭାରତ ମାଆକୁ କରିଲ ସ୍ୱାଧୀନ ।

ଭାରତ ମାଆର ଶାନ୍ତି ମୁକ୍ତି ପାଇଁ
କୁସଂସ୍କାର ସମ୍ପର୍କଟା ଗୁନ୍ଥା ଗୋଟିଏ ସୂତାରେ
ସମାନତାର ଅର୍ଥ ଦେଲ ଶିଖାଇ ।

କର୍ମଭୂମି ଆଉ ଜନ୍ମଭୂମି ପାଇଁ
ଆଜି ବି ତୁମେ ଅମର
ଇତିହାସ ମଧ୍ୟେ ରଖିଗଲ ଯଶକୀର୍ତ୍ତି
ହେ ବୀର ପୁରୁଷ
ଡକ୍ଟର ଭୀମରାଓ ଆମ୍ବେଦକର ।

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

ବିଷୁବ ଭାବନା

ନୀଳମଣି ଚାନ୍ଦ

ବିଷୁବରେ ପଣା ନୁହଁ
ପଣାରେ ମୁଁ ବିଷୁବକୁ ଖୋଜେ
ବିଷୁବର କବିତା ପାଠରେ
ନିଜକୁ ମୁଁ ଖୋଜୁଖୋଜୁ ହଜେ ।

ଆଜିଯାଏ ଭାବିନାହିଁ
କାହିଁ ପାଇଁ ଆସେ ଏ ପରବ
ଆଇ ମୋ'ର ଠେକିଟେ ବସେଇ
ଅନୁଭବ କରଇ ଗରବ ।

ଓଡ଼ିଆର ନୂଆବର୍ଷ
ଏଇଠାରୁ ଆରମ୍ଭ ବୈଶାଖ
ଋତୁରାଜ ଫେରିବ ଧରାରୁ
ବଢିଯିବ ଖରା ଓ ଡହକ ।

କହିପାର ଏ ଜଳ ସଂକ୍ରାନ୍ତି
କିଏ କହେ ଛତୁଆ ସଂକ୍ରାନ୍ତି
ଯାହା ହେଉ ଓଡିଆଟି ହୋଇ
ବୁଣିଦେବି ପ୍ରୀତି ଓ ସଂପ୍ରୀତି ।

କାହାପାଇଁ ଏ ମହାବିଷୁବ
ଇଏ ହନୁମାନଙ୍କ ଜୟନ୍ତୀ
ଚନ୍ଦନ ଓ ମଲ୍ଲୀର ଛୁଆଁରେ
ଆସକ୍ତ ମୁଁ ବିଷ୍ଣୁର ପ୍ରତି ।

ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

ନବବର୍ଷ

ସୁନନ୍ଦା ମହାନ୍ତି

ନବବର୍ଷ ଆସ ଆସ ସୁସ୍ୱାଗତ
ଓଡ଼ିଆ ସମ୍ମାନ ପର୍ବ ସାରସ୍ୱତ
ଚଉରା ଉପର ଚାଞ୍ଚେ ସୁସଜ୍ଜିତ
ପଣା ରେ କଦଳୀ ନଡ଼ିଆ ଛେନା
ଗୋଲମରିଚ ବେଲ ସଙ୍ଗେ ଚୁନା
ଛତୁଆ ବିଞ୍ଚଣା ଦାନ ପୁଣ୍ୟ ମହାନ
ସୂର୍ଯ୍ୟଙ୍କ ପ୍ରଖର ଗତି ସ୍ଥିତି ଦକ୍ଷିଣାୟନ
ପଣା ସଂକ୍ରାନ୍ତି ଦେବ
ମହାଦେବ ଦର୍ଶନ
ପର୍ବ ସଂସ୍କୃତି ସଂହତି ପରମ୍ପରା ବହନ
ଓଡ଼ିଆ ନବବର୍ଷ ପାଳନ୍ତି ସନାତନ
ଭାଷା, ଲିପି, ସ୍ୱର, ଶବ୍ଦ ଅଭିନନ୍ଦନ
ଦଣ୍ଡ ପାଟୁଆ ତୋଳେ ପାଣି
ମନୋବାଞ୍ଛା
ପୁରଣ ହୁଏ ଭକ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଆଗକୁ ଆହୁରି ଯନ୍ତ୍ରଣା...

ରାଜ୍ୟବାସୀଙ୍କୁ ଛଟପଟ କଲାଣି ପ୍ରଚଣ୍ଡ ଖରା । ସକାଳୁ ସକାଳୁ ସକାଳୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାରଦ ବଢ଼ିଯାଉଥିବାରୁ ଅସହ୍ୟ ପରିସ୍ଥିତି ଦେଖାଗଲାଣି । ଏଭଳି ଗରମ କେବେ ପୂର୍ବରୁ ଦେଖା ନଥିଲା । ପ୍ରଥମ କରି ଏପ୍ରିଲ ମାସ ପ୍ରଥମ ସପ୍ତାହରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିନଥିଲା । ମଧ୍ୟାହ୍ନ କିମ୍ବା ପ୍ରବଳ ଗୁଳୁଗୁଳି ସାଙ୍ଗକୁ ଅଗ୍ନିବର୍ଷା ମଣିଷ ଓ ଜୀବଜନ୍ତୁଙ୍କ ସହିବାର ସୀମା ବାହାରକୁ ଚାଲିଗଲାଣି । ବର୍ଷା ଉଭେଇ ଯିବା ବେଳକୁ ମଝି ମଝିରେ କାଳବୈଶାଖୀ ଓ ପଶ୍ଚିମା ଝଡ଼ ସାଧାରଣ ଜୀବନ ଯାତ୍ରାକୁ ବିଗାଡ଼ି ସାରିଲାଣି । ଏଭଳି ସ୍ଥିତି କିଛିକାଳ ଲାଗିରହିଲେ ଆଗକୁ ପିଇବା ପାଇଁ ସଂକଟ ଉତ୍କଟ ହେବ ଏବଂ ଜନଜୀବନ ଅଧିକ ଅସ୍ତବ୍ୟସ୍ତ ହେବ । ରାଜ୍ୟର ବିଭିନ୍ନ ସହରର ତାପମାତ୍ରା ରେକର୍ଡ ଦେଖିଲେ ସମସ୍ତେ ଛାନିଆଁ ହେଲେଣି । ଝାରସୁଗୁଡ଼ାରେ ସର୍ବାଧିକ ୪୦.୪ ଡିଗ୍ରୀ ରେକର୍ଡ ହୋଇଛି । ବାରିପଦାରେ ୪୦ ଡିଗ୍ରୀ ରେକର୍ଡ କରାଯାଇଛି । ତା' ପଛକୁ ଭୁବନେଶ୍ୱର, ଚାନ୍ଦବାଲି, ଅନୁଗୁଳ ଓ ସମ୍ବଲପୁର ସହରରେ ତାପମାତ୍ରା ଥିଲା । ଏହି ସହରଗୁଡ଼ିକରେ ସର୍ବୋଚ୍ଚ ତାପମାତ୍ରା ୩୯.୭ ଡିଗ୍ରୀ ରେକର୍ଡ ହୋଇଛି । ୪୦ ଡିଗ୍ରୀ ଏହି ସମୟରେ ଅତିକ୍ରମ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ସେହିଭଳି ୩୯ ଡିଗ୍ରୀ ଅତିକ୍ରମ କରିଥିବା ସହରଗୁଡ଼ିକ ଭିତରେ ରହିଛି ୧୩ଟି ସହର । ଗ୍ରାମାଞ୍ଚଳରେ ଯେଉଁଠି ଜଙ୍ଗଲ ଅଛି, ସେଠାରେ ସ୍ଥିତି କିଛି ଭିନ୍ନ ନୁହେଁ । ପାହାଡ଼ଗୁଡ଼ିକ ପୂର୍ବଭଳି ବଣ ଜଙ୍ଗଲଘେରା ନାହିଁ । ଗ୍ରାମୀଣ ଲୋକମାନେ ଏହି ଗରମ ଦିନରେ କଲବଲ ହେଉଛନ୍ତି । ପାଣିପାଗ ବିଜ୍ଞାନୀମାନେ ସତର୍କ କରିଦେଲେଣି ଯେ, ଆଜିଠାରୁ ଗରମ ଆହୁରି ବଢ଼ିବ । କୁହାଯାଉଛି, ଦୁଇ-ତିନି ଦିନ ପରେ ତାହା ୪୨ ଡିଗ୍ରୀ ଟପିବାର ଆଶଙ୍କା ରହିଛି । ଏହା ସତ୍ୟ ହେଲେ ସଙ୍କଟ ଭୀଷଣ ଆକାର ନେବ । ରାଜ୍ୟ ସରକାର ପିଲାଙ୍କର ସ୍କୁଲ ସମୟରେ ପରିବର୍ତନ କରିଛନ୍ତି । ସକାଳ ସାତଟାରୁ ସ୍କୁଲରେ ପାଠପଢ଼ା ଆରମ୍ଭ ହୋଇ ଦିନ ସାଢ଼େ ଏଗାରଟାରେ ବନ୍ଦ ହୋଇଯିବ । ବିଦ୍ୟାଳୟଗୁଡ଼ିକରେ ଯଥେଷ୍ଟ ପରିମାଣର ପିଇବା ପାଇଁ ଓ ଓଆର୍‌ଏସ୍ ବ୍ୟବସ୍ଥା କରିବାକୁ ମାର୍ଗଦର୍ଶିକା ଜାରି କରିଛନ୍ତି । ଶିକ୍ଷାନୁଷ୍ଠାନଗୁଡ଼ିକ ଭଳି ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନରେ ପ୍ରଚଣ୍ଡ ଖରା ପାଇଁ ସତର୍କତାମୂଳକ ବ୍ୟବସ୍ଥା କରାଯିବା ଜରୁରି ହୋଇପଡ଼ିଛି । ପ୍ରଶାସନିକ ସ୍ତରରେ ବୈଠକ ବସି ଅପ୍ରତ୍ୟାଶିତ ସଂକଟର ମୁକାବିଲା ପାଇଁ ପ୍ରସ୍ତୁତି ହେବାର ଦେଖାଯାଉଛି । ଦିନ ଏଗାରଟାରୁ ଅପରାହ୍ନ ତିନିଟାଯାଏ ବାହାରକୁ ନବାହାରିବା ସକାଶେ ପରାମର୍ଶ ଦିଆଯାଇଛି । ଉତର ଓ କେନ୍ଦ୍ର-ଭାରତରେ ସ୍ୱଳ୍ପ ବୃଷ୍ଟିପାତର ଆଶଙ୍କା ହେତୁ ଏଲ୍‌ନିନୋ ପ୍ରଭାବରେ ମୌସୁମୀ ଦୁର୍ବଳ ହେବ ଏବଂ ସ୍ୱାଭାବିକଠାରୁ ବୃଷ୍ଟିପାତ ଅଧିକ ମାତ୍ରାରେ ହେବାର ଆକଳନ କରାଯାଇଛି । ଘନଘନ ବଜ୍ରପାତ ସହିତ ପଶ୍ଚିମା ଝଡ଼ ପ୍ରଭାବରେ ଯେଉଁଭଳି କ୍ଷୟକ୍ଷତି ହୋଇସାରିଲାଣି, ତାହା ଅଭାବନୀୟ । କାଳବୈଶାଖୀ ପ୍ରଭାବରେ ଯେଉଁଭଳି ଦୁଃସ୍ଥିତି ଉତ୍ପନ୍ନ ହୋଇଛି ତାହା କୁହାଯାଇନପାରେ । ସ୍ୱାଭାବିକ ହାର ଠାରୁ କମ୍ ମୌସୁମୀ ବୃଷ୍ଟିପାତ ହେବାର ସମ୍ଭାବନା ମଧ୍ୟ ଚିନ୍ତାର କାରଣ । ଯାହା ଦେଖାଯାଉଛି, ଅନିୟମିତ ବର୍ଷା, ଘନଘନ ଘଡ଼ଘଡ଼ି ଭଳି ପ୍ରକୃତିର ହାବଭାବରେ ଏଭଳି ପରିବର୍ତନ ମଧ୍ୟ ବିଜ୍ଞାନୀମାନଙ୍କୁ ଚିନ୍ତାରେ ପକାଇ ଦେଇଛି । ସୂତ୍ର କହୁଛି ଆଉ ପାଞ୍ଚ-ଛଅ ଦିନ ରାଜ୍ୟରେ ଉତପ୍ତ ଅବସ୍ଥା ଲାଗିରହିବ । ତା'ପରେ ପାଗ ସ୍ଥିତିରେ ପରିବର୍ତନ ଆସିପାରେ । ଏହି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଭିତରେ ସନ୍ତୁଳି ହୋଇପଡୁଥିବା ଜନଜୀବନକୁ କେଉଁଭାବରେ ସମ୍ଭାଳି ହେବ, ତାହା ପ୍ରଶାସନ ନିକଟରେ ବଡ଼ ଆହ୍ୱାନ ହେବ । ବିଭିନ୍ନ ସ୍ଥାନରେ ଜଳଛତ୍ର ଶିବିର ଖୋଲାଯିବା ସହିତ ଶୁଖିଯାଉଥିବା ଜଳଉତ୍ସଗୁଡ଼ିକର ପୁନରୁଦ୍ଧାର ଉଦ୍ୟମକୁ ମଧ୍ୟ ଧ୍ୟାନ ଦେବାକୁ ହେବ । ଅପ୍ରତ୍ୟାଶିତ ବିପଦ ଆସୁଛି କଣ ପାଇଁ ? ପ୍ରକୃତି ନାନା ଭାବରେ ସଭ୍ୟତା ଉପରେ ପ୍ରତିଶୋଧ ନେଉଛି । ବ୍ୟାପକ ଜଙ୍ଗଲ ପୋଡ଼ି ସହିତ ଅବିଚାରିତ ଜଙ୍ଗଲ ଧ୍ୱଂସ ଅନ୍ୟତମ କାରଣ । ସେମିତି ଦେଖିବାକୁ ଗଲେ ପ୍ରକୃତି ସହ ମଣିଷର ଲଢ଼େଇ ଲାଗିରହିଛି କେଉଁ କାଳରୁ । ମାତ୍ର ବଣଜଙ୍ଗଲ, ବନ୍ୟଜନ୍ତୁ ଓ ଜୈବବିବିଧତା ରହିଲେ ସିନା ପ୍ରାକତିକ ସନ୍ତୁଳନ ରହିବ । ଗରମ ଦିନରେ ଲୋକମାନେ ଏୟାରକଣ୍ଡିସନର ଓ କୁଲର ବ୍ୟବହାର କରିଥାନ୍ତି । ସେଥିରେ ଅସ୍ୱାଭାବିକତା ନାହିଁ । ମାତ୍ର ଜଳୀୟ ଅଂଶ ଶୋଷଣ ହେବାଫଳରେ ସମସ୍ୟା ହେଉଛି । ବ୍ୟାପକ ଓ ଯଦୃଚ୍ଛା ବ୍ୟବହାର କିଭଳି ପରିବେଶ-ପ୍ରତିକୂଳ ସ୍ଥିତି ସୃଷ୍ଟି କରୁଛି, ତାହା ସମସ୍ତଙ୍କ ଅଜୋନିଭା କଥା । ଯଦି ମାନବ ସଭ୍ୟତାର ସୁରକ୍ଷା ପରମ ସ୍ୱାର୍ଥ ରୂପେ ଗ୍ରହଣ କରାଯାଏ ତାପନକ୍ରିୟାର ଜଟିଳତାକୁ କିଭଳି ଗ୍ରହଣ କରିହେବ, ସେହି ଦିଗରେ ଆମର ଚିନ୍ତନ ଅଧିକ ପ୍ରାଥମିକତା ଦାବି କରେ । ଏମିତିରେ ପ୍ରକୃତି ଦାଉ ସାଧୁଛି, ମାତ୍ର ତାହାର ବିକଳ୍ପ କିଛି ନାହିଁ ବୋଲି ବିଚାରି ଅହେତୁକ ଓ ଅବିଚାରିତ ଧ୍ୱଂସକ୍ରିୟାରେ ମାତିଯିବା ଅବାଞ୍ଛିତ ପରିଣତିକୁ ଡାକି ଆଣିବ ।

ଜୀବନାଙ୍କ

ଇଂ.ସରୋଜ କୁମାର ଦାଶ

ପ୍ରାଇମେରୀ ଠାରୁ ପିଜି
ପ୍ରତି ପାହାଚ ଡେଇଁଡେଇଁ
ମିଳିଗଲା ଶେଷରେ
ଅବଲମ୍ବନ
ବଞ୍ଚିବା ପାଇଁ ।

ତେଣିକି
ଜୀବନ ଜିଇଲା
ନିଜ ଇଚ୍ଛାରେ
ଜୀବନ ବିତିଲା
ନିଜ ମର୍ଜିରେ
ଓ ସରି ସରି ଆସିଲା ଦିନ
ଫେରିବାକୁ
ଖାଲି ହାତରେ ।

କିନ୍ତୁ, କ'ଣ ଜଣାଥିଲା
ଅବର୍ତମାନରେ ହିଁ କଷା ହୁଏ
ଜୀବନର ଅଙ୍କ
ହୃଦୟେ ଯୋଡ଼ିଛି
କାହାକୁ କେତେ
ମନରୁ ଫେଡ଼ିଛି
ସମ୍ପର୍କ କେତେ

ଇଚ୍ଛାକୁ ଗୁଣିଛି
କେତେ ରଙ୍ଗରେ
ହରିଛି, ହାରିଛି
ଧନ ଓ ମାନ
କେଉଁ ବାଟରେ ।

ଜଣା ତ ନ ଥିଲା
ପ୍ରାରବ୍ଧ ତା' ପାଇଁ ଭାଗ୍ୟ
କୃତକର୍ମ ଭାଜକ
ଭାଗଫଳ ଅର୍ଜିତ ପୁଣ୍ୟ
ଓ ପରିଶେଷେ
ଭାଗଶେଷ ଶୂନ
ମହାଶୂନ୍ୟ ।

ଜ୍ଞାତ ହିଁ ନ ଥିଲା
ଅମୃତ ସନ୍ତାନକୁ
ନିଜର ପରିଚୟ
ବିସ୍ମରି ଯାଇଥିଲା
ନିଜର ଅସ୍ତିତ୍ୱ,
କି ପାଇଁ ଆସିଛି
କିଏ ପଠାଇଛି
କେଉଁ ଉଦ୍ଦେଶ୍ୟରେ
ଏ ଧରା ଧାମ ।

+ କଳିଙ୍ଗନଗର, ଘାଟିକିଆ
ଭୁବନେଶ୍ୱର

ମହାବିଷୁବ ଓ ଓଡିଆ ନବବର୍ଷ

ଜୟଶ୍ରୀ ପଟ୍ଟନାୟକ

ବୈଶାଖ ମାସ ହେଉଛି ପୂଜା ଦାନ ଧର୍ମର ମାସ ଏହି ମାସ ପ୍ରଭୁଙ୍କର କୃପାଲାଭ ପାଇଁ ନଦୀରେ ସ୍ନାନ କରି ସୂର୍ଯ୍ୟଙ୍କୁ ଅର୍ଘ ଦାନ କରିବା ଦ୍ୱାରା ଘରେ ସୁଖ ସମୃଦ୍ଧି ବଢ଼ିଥାଏ । ତୁଳସୀ ବିଷ୍ଣୁଙ୍କର ପ୍ରିୟ ହୋଇଥିବାରୁ ତା ମୂଳରେ ବସୁନ୍ଧରା ଠେକି ବାନ୍ଧି ଉପରେ ଡାଳପତ୍ରର ଛାଇ କରି ଛିଦ୍ର ଥିବା ଠେକିଟିଏ କୁଶ ଦ୍ୱାରା ରୁଦ୍ଧ କରାଯାଇଥାଏ । ଠେକିରେ ପାଣି ଦେଲେ ଟୋପେ ଟୋପେ ପାଣି ପଡି ତୁଳସୀ ମୂଳରେ ଜଳଦାନ ଜନିତ ଶାନ୍ତି ପ୍ରଦାନ କରିବା ସହ ମାତା ତୁଳସୀଙ୍କର ଆଶିର୍ବାଦ ଲାଭକରନ୍ତି । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ଓ ଚନ୍ଦ୍ରର ଗତିକୁ ନେଇ ଆମ ଦେଶରେ ମାସ ଓ ବର୍ଷ ଗଣନା କରାଯାଇଥାଏ ସୂର୍ଯ୍ୟଙ୍କ ଗତି ଅନୁସାରେ ଗୋଟିଏ ସଂକ୍ରାନ୍ତିରୁ ଆଉ ଗୋଟିଏ ସଂକ୍ରାନ୍ତି ପର୍ଯ୍ୟନ୍ତ ଏକମାସ ଧରାଯାଉଥିବା ବେଳେ ଚନ୍ଦ୍ରଙ୍କ ଗତିକୁ ନେଇ ଗୋଟିଏ ପୂର୍ଣ୍ଣମୀରୁ ଆଉ ଗୋଟିଏ ପୂର୍ଣ୍ଣମୀ ଯାଏଁ ଏକମାସ ଭାବରେ ଗଣାଯାଇଥାଏ । ସୂର୍ଯ୍ୟଙ୍କ ବାର୍ଷିକ ଗତି ବା ରାଶିଚକ୍ର ୧୨ଟି ରାଶି ମଧ୍ୟ ଦେଇ ଗତି କରିଥାଏ ଏହି ଗତିକୁ ସଂକ୍ରାନ୍ତି କୁହାଯାଏ । ସଂକ୍ରାନ୍ତି ଶବ୍ଦ ସଂସ୍କୃତ ଭାଷାର ସଂକ୍ରମଣ ଶବ୍ଦରୁ ଆସିଛି । ୧୨ଟି ରାଶିକୁ ନେଇ ହୋଇଥାଏ ୧୨ଟି ସଂକ୍ରାନ୍ତି । ତନ୍ମଧ୍ୟରୁ ବିଷୁବ ସଂକ୍ରାନ୍ତି ହେଉଛି ଶ୍ରେଷ୍ଠ ସଂକ୍ରାନ୍ତି । କାରଣ ଏହିଦିନ ସୂର୍ଯ୍ୟ ବିଷୁବରେଖା ଆଡକୁ ଉତରାୟଣ ଗତି କରିଥାନ୍ତି ଓ ସୌରବର୍ଷର ପ୍ରଥମ ଦିନ ହୋଇଥାଏ । ଏହିଦିନ ସୂର୍ଯ୍ୟ ମେଷ ରାଶିରେ ପ୍ରବେଶ କରନ୍ତି ତେଣୁ ଏହି ସଂକ୍ରାନ୍ତିକୁ ମେଷ ସଂକ୍ରାନ୍ତି କୁହନ୍ତି । ଏହିଦିନ ସୂର୍ଯ୍ୟ ବିଷୁବରେଖା ଉପରେ ରହୁଥିବାରୁ ଏହି ସଂକ୍ରାନ୍ତିକୁ ବିଷୁବ ସଂକ୍ରାନ୍ତି କୁହାଯାଏ । ସୂର୍ଯ୍ୟଙ୍କର ଉତରାୟଣ ସମୟ ହେଉଛି ଦେବତାମାନଙ୍କର ଦିନ ଓ ଦକ୍ଷିଣାୟନ ସମୟ ହେଉଛି ରାତି । ଗୀତାରେ ଉଲ୍ଲେଖ ଅଛି, ସୂର୍ଯ୍ୟଙ୍କର ଉତରାୟଣ କାଳରେ ମନୁଷ୍ୟର ମୃତ୍ୟୁ ହେଲେ ସେ ବ୍ରହ୍ମପ୍ରାପ୍ତି ହୁଅନ୍ତି ଅର୍ଥାତ ମୋକ୍ଷଲାଭ କରନ୍ତି ବୋଲି ବିଶ୍ୱାସ ରହିଛି । ହିନ୍ଦୁମାନେ ବିଷୁବସଂକ୍ରାନ୍ତିକୁ ଏକ ପୁଣ୍ୟ ଦିବସ ରୂପେ ମାନିଥାନ୍ତି କାରଣ ଆମେ ପୃଥିବୀର ଉତର ଗୋଲାର୍ଦ୍ଧରେ ବାସକରୁ ତେଣୁ ସୂର୍ଯ୍ୟଙ୍କର ଉତରାୟଣ ଗତି ଆମପାଇଁ ଅତି ପବିତ୍ର ସମୟ ଅଟେ । ଏହି ସମୟ ବୈଶାଖ ସଂକ୍ରାନ୍ତି ତିଥିରୁ ଆରମ୍ଭ ହେଉଥିବାରୁ ଏହାକୁ ମହାବିଷୁବସଂକ୍ରାନ୍ତି ବୋଲି କୁହାଯାଏ । ଓଡିଶାରେ ମହାବିଷୁବସଂକ୍ରାନ୍ତିକୁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗ୍ରହଣ କରାଯାଏ । ଓଡିଆ ପଞ୍ଜିକା ଅନୁସାରେ ଏହିଦିନ ଓଡିଆ ନବବର୍ଷର ପ୍ରଥମ ଦିନ । ତେଣୁ ପ୍ରତ୍ୟେକ ଓଡିଆ ଘରେ ତଥା ଦେବଦେବୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାପାଠ, ଭୋଗରାଗ, ହୋମ ଯଜ୍ଞାଦି ଅନୁଷ୍ଠିତ ହୁଏ । ପ୍ରତିବର୍ଷ ଏପ୍ରିଲ ୧୪ ତାରିଖରେ ସାରା ଭାରତରେ ପାଳନ କରାଯାଏ ଏହି ମହାବିଷୁବ ସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି । ମହାବ୍ରହ୍ମଚାରୀ ପବନସୁତ ହନୁମାନଙ୍କ ଜନ୍ମଦିନ ଏହିଦିନ ହୋଇଥିବାରୁ ତାଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଏ । ସେ ଏକାଧାରରେ ଜ୍ଞାନୀ, ଗୁଣୀ, ସିଦ୍ଧିଦାତା, ବଳବାନ ଓ ଦୁଷ୍ଟବିନାଶକ । ବଜରଙ୍ଗବାଲୀଙ୍କ ନାମ ସ୍ମରଣ ମାତ୍ରେ ଟଳିଯାଏ ବିପଦ କାରଣ ସେ ଶକ୍ତି, ସାମର୍ଥ୍ୟ ଓ ସାହସ ପ୍ରଦାନକାରୀ ଦେବତା । ହନୁମାନ ପବନପୁତ୍ର ହୋଇଥିବାରୁ ଅଗ୍ନି ଓ ବାୟୁ ପ୍ରକୋପରୁ ରକ୍ଷା ପାଇବାପାଇଁ ଏହି ସଂକ୍ରାନ୍ତିରେ ହନୁମାନ ଜୟନ୍ତୀ ପାଳନ କରାଯାଏ । ଏହିଦିନ ହନୁମାନଙ୍କ ଠାରେ ବିଭିନ୍ନ ଫଳମୂଳ ସହିତ ଛତୁଆ ଓ ପଣାଭୋଗର ବିଧି ପ୍ରଚଳିତ । ତେଣୁ ଏହି ସଂକ୍ରାନ୍ତିକୁ ପଣାସଂକ୍ରାନ୍ତି ମଧ୍ୟ କୁହାଯାଏ । ଶକ୍ତି ବୃଦ୍ଧି ପାଇଁ ଚଣା, ଗୁଡ ଓ ବେସନ ପ୍ରସ୍ତୁତ ଲଡୁ ହନୁମାନଙ୍କ ପାଖରେ ଲାଗେ । ଦିନସାରା ହନୁମାନ ଚାଳିଶା, ସଂକଟମୋଚନ ଚଉତିଶା, ତୁଳସୀ ରାମାୟଣ ପାଠ କରାଯାଏ । ହନୁମାନଙ୍କ ପ୍ରତିମାରେ ସିନ୍ଦୂର ଲଗାଯାଏ । ନାମ ଜପ କରାଯାଏ ।

ମହାଭାରତ ଯୁଦ୍ଧରେ ଭୀଷ୍ମ ଶରଶଯ୍ୟାରେ ଥିବାବେଳେ ତାଙ୍କୁ ଶୋଷ ଲାଗିବାରୁ ଅର୍ଜୁନ ଏକ ଶରମାରି ପୃଥିବୀ ପୃଷ୍ଠରୁ ଜଳଧାର ସିଧା ତାଙ୍କ ପାଟିରେ ଦେଇ ତୃଷା ମେଂଟାଇଥିଲେ ଏହିଦିନ ଥିଲା ବିଷୁବ ସଂକ୍ରାନ୍ତି । ତୃଷା ମେଂଟିବା ପରେ ଭୀଷ୍ମ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଥିଲେ ଯେ ଯେଉଁ ବ୍ୟକ୍ତି ଏହି ସମୟରେ ତୃଷାର୍ତଙ୍କୁ ଜଳଦାନ ଦେବ ତାହାର ସମସ୍ତ ପାପ କ୍ଷୟ ହେବା ସହ ସେ ପୁଣ୍ୟ ଅର୍ଜନ କରିବ । ଫଳରେ ଏହିଦିନ ଲୋକମାନେ ପୁଣ୍ୟ ଅର୍ଜନ ପାଇଁ ଜଳଦାନ କରିଥାନ୍ତି । ଏହିଦିନ ଶିବଲିଙ୍ଗ, ଶାଳଗ୍ରାମ, ଅଶ୍ୱତ୍ଥ ଓ ତୁଳସୀକୁ ଜଳ ଅର୍ପଣ କରାଯାଏ । ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ଉତରାୟଣ ଗତି ବିଷୁବରେଖା ଆଡକୁ ଗତି କରୁଥିବାରୁ ପ୍ରଚଣ୍ଡ ଖରା ବା ବିଷୁବ ରେଖାର ତୀର୍ଯ୍ୟକ କିରଣ ଏହି ସମୟରେ ପୃଥିବୀ ପୃଷ୍ଠରେ ପଡେ ଫଳରେ ପୃଥିବୀ ଉତପ୍ତ ହେବାରେ ଲାଗେ । ସୂର୍ଯ୍ୟଙ୍କର ତେଜ ଗତି ଫଳରେ ମାନବ ସମାଜ, ଜୀବଜଗତ, ବୃକ୍ଷଲତା ସମସ୍ତେ ପ୍ରଭାବିତ ହୋଇଥାଆନ୍ତି । ନଦୀ, ନାଳ କୂପ, ଜଳାଶୟ ଶୁଖି ଯାଇଥାଏ । ତେଣୁ ଏହି ଗରମ ତେଜରୁ ରକ୍ଷା କରିବାପାଇଁ ଜଳଛତ୍ରମାନ ଖୋଲାଯାଇଥାଏ । ଲେମ୍ବୁପଣା, ମିଶ୍ରିପଣା, ଦହି ସରବତ, ଆଖୁପଣା, ବେଲପଣା ପିଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ଓ ଜଳଶୁଷ୍କତା ଦୂର ହୁଏ । ଦୋକାନ ମାନଙ୍କରେ ଫଳରସ ଓ ଲସି ବିକ୍ରୀ ହେଉଥିବାର ଦେଖାଯାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପଣା ସଂକ୍ରାନ୍ତି ଦିନ ଜଳଛତ୍ର ଖୋଲାଯାଇ ରାସ୍ତାରେ ଯାଉଥିବା ପଥିକମାନଙ୍କର ତୃଷା ନିବାରଣ କରାଯାଏ । ତେଣୁ ଏହାର ଅନ୍ୟ ନାମ ଜଳଦାନ ସଂକ୍ରାନ୍ତି । ଏହିଦିନ ଚଉରାରେ ବସୁନ୍ଧରା ଠେକି କରାଯାଇ ତୁଳସୀ ଗଛ ଉପରେ ଛାମୁଣ୍ଡିଆ ବନ୍ଧାଯାଇ ନଡିଆ ବାହୁଙ୍ଗା ଓ ଜାମୁ ଡାଳରେ, ଛାୟା ପ୍ରଦାନ କରାଯାଏ ଏବଂ ଠେକିରେ ଜଳରଖି, ଅତିକ୍ଷୁଦ୍ର କଣାକରି କୁଟାଖଣ୍ଡରେ ବନ୍ଦ କରି

ସରୁ ଜଳଧାରର ବ୍ୟବସ୍ଥା କରାଯାଇଥାଏ । ତୁଳସୀ ଗଛ ରୋପଣ, ପାଳନ, ପୂଜନ ପ୍ରତ୍ୟେକ ହିନ୍ଦୁ ପରିବାରର ପରମ୍ପରା । ଏହା ମୂଳରେ ସର୍ବ ଦେବତାଙ୍କ ବାସ ଓ ତୁଳସୀ ତ୍ରିତାପ ନାଶକାରୀ ତେଣୁ ବୈଶାଖ ରୌଦ୍ରରୁ ରକ୍ଷା କରିବା ପାଇଁ ପ୍ରତିଦିନ ବସୁନ୍ଧରା ଠେକିରେ ପାଣି ଦିଆଯାଏ । ଜଳଧାର ଯେପରି ଟୋପା ଟୋପା ହୋଇ ତୁଳସୀ ଗଛରେ ମାସକ ଯାକ ପଡିବ ସେହିପରି ବ୍ୟବସ୍ଥା କରାଯାଇଥାଏ । ତେଣୁ ଏହାକୁ ଠେକି ବସା ସଂକ୍ରାନ୍ତି କୁହାଯାଏ ।

ଏହି ସମୟରେ ଶକ୍ତିପୀଠ ମାନଙ୍କରୁ କୁମ୍ଭସଂକ୍ରାନ୍ତି ପରେ ଦେବୀଙ୍କ ଘଟ ଗ୍ରାମମାନଙ୍କୁ ନେଇ ପାଟୁଆମାନେ ରଣପା ଚଢି ଘଂଟ କରନ୍ତି । ଏହି ଘଟ ନିକଟରେ ଗ୍ରାମବାସୀ ଭୋଗ କରନ୍ତି ସିନ୍ଦୂର ଫୁଲ ଗ୍ରହଣ କରି ଘଂଟ ପାଟୁଆମାନଙ୍କୁ ଦକ୍ଷିଣା ଦେଇ ସେମାନଙ୍କ ପିଲାଙ୍କୁ ରୋଗମୁକ୍ତ ହେବା ନିମିତ କାମନା କରିଥାନ୍ତି । ରୋଗମୁକ୍ତ ହେଲାପରେ ଘଟକୁ ମୁଣ୍ଡିଆ ମାରି ଅଗ୍ନିରେ ଚାଲିବା ପାଇଁ ମାନସିକ କରିଥାନ୍ତି ଯାହାକୁ ଝାମୁ ଚଲା କୁହାଯାଏ । ଧର୍ମ ଅର୍ଜନ ପାଇଁ ତତଲା ବାଲିରେ ଗଡିବା ଓ ନିଆଁରେ ଚାଲିବା ପରମ୍ପରାକୁ ଝାମୁଯାତ୍ରା କୁହାଯାଏ । ପ୍ରାୟ ଦୁଇଫୁଟ ଓସାର, ଏକଫୁଟ ଗଭୀର ଓ ୧୨ ଫୁଟ ଲମ୍ବର ପହି ଖୋଳି ସେଥିରେ କାଠ କୋଇଲା ଭର୍ତି କରି ନିଆଁ ଲଗାଯାଏ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

ମହା ବିଷୁବ ସଂକ୍ରାନ୍ତି

କାଳି ଦାସ

ଭାରତରେ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସମୟରେ ଲୋକମାନେ ନୂଆ ବର୍ଷ ପାଳନ କରନ୍ତି। ସବୁଠି ନୂଆ ବର୍ଷ ପାଳନ ପାଇଁ ଲୋକଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଥାଏ।

ଭାରତରେ ନୂଆ ବର୍ଷର ସ୍ୱାଗତ ଲୋକମାନେ ସାତ୍ତ୍ୱିକ ଭାବରେ କରିଥାନ୍ତି । ନୂଆ ବର୍ଷ ପାଳନ ସହିତ ବିଶ୍ୱାସ ଥାଏ ଯେ ଆଗାମୀ ବର୍ଷ ଖୁସି ଏବଂ ଆନନ୍ଦରେ କଟିବ । ହିନ୍ଦୁ ନୂଆ ବର୍ଷକୁ ବିକ୍ରମ ସମ୍ବଦ ମଧ୍ୟ କୁହାଯାଏ। ଚୈତ୍ର ମାସର ଶୁକ୍ଳ ପକ୍ଷର ପ୍ରଥମ ଦିନକୁ ନୂଆ ବର୍ଷ ଭାବେ ଅନେକ ସ୍ଥାନ ରେ ପାଳନ କରାଯାଇଥାଏ । ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନାରେ ଚୈତ୍ର ଶୁକ୍ଳ ପକ୍ଷର ପ୍ରତିପଦାକୁ ନୂଆ ବର୍ଷ ରୂପେ ପାଳନ କରାଯାଏ । ଏହାକୁ ଉଗାଡି କୁହାଯାଏ । ମହାରାଷ୍ଟ୍ରରେ ତାକୁ ଗୁଡପର୍ବା କୁହାଯାଏ ।

ବୈଶାଖ ମାସର ସଂକ୍ରାନ୍ତିକୁ ଅନେକ ହିନ୍ଦୁ ମାନେ ନୂଆ ବର୍ଷ ରୂପେ ପାଳନ କରିଥାନ୍ତି । ପଞ୍ଜାବରେ ଏହି ଦିନକୁ ବୈଶାଖୀ କୁହାଯାଏ । ଆସାମରେ ତାକୁ ବିହୁ ହୁହାଯାଏ, ପଶ୍ଚିମ ବଙ୍ଗରେ ତାକୁ ବିଷୁ କୁହାଯାଏ ଏବଂ ଓଡିଶାରେ ତାକୁ ମହା "ବିଷୁବ ସଂକ୍ରାନ୍ତି" କୁହାଯାଏ । ଏହି ସଂକ୍ରାନ୍ତି ରେ ସୂର୍ଯ୍ୟ ବିଷୁବ ରେଖା ଉପରେ ଦେଖାଯାନ୍ତି । ଏହା ପରଠାରୁ ଭାରତରେ ବେସ ଗରମ ଅନୁଭବ ହୁଏ । ଓଡିଶାର ପୂର୍ବତଟରେ ବଙ୍ଗୋପସାଗର ରହିଥିବାରୁ ଗରମ ସହିତ ଗୁଳୁଗୁଳି ଆନୁଭବ ହୁଏ । ଦେହରୁ ଜଳିୟ ଅଂଶ କମି ଯାଏ ତେଣୁ ଲୋକମାନେ ପଣା ଓ ପାଣି ପିଥାନ୍ତି । ପଣା ସଂକ୍ରାନ୍ତି ଦିନଠାରୁ ଘରେ ଘରେ ଜୁସ ସର୍ବତ ଓ ପଣା ପାଣିର ବ୍ୟବସ୍ଥା ହୋଇଥାଏ । ଘରକୁ ଆସୁଥିବା ଅତିଥିଙ୍କୁ ପଣା ପାଣି ଓ ଜୁସ ଦେଇ

ବିଷୁବ ବିଶେଷାଙ୍କ

ଧ୍ୱନି ପ୍ରତିଧ୍ୱନି

୫ ♣ ବାଲେଶ୍ୱର ♣ ଶୁକ୍ରବାର, ୧୪ ଏପ୍ରିଲ ୨୦୨୩

ସାମ୍ପ୍ରତିକ ସମୟରେ ହନୁମାନଙ୍କ ଭୂମିକା

ନେତାଜୀ ତାପସ କୁମାର ସାହୁ

ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଯେତେବେଳେ ଅବତାର ଗ୍ରହଣ କରି ଧରାପୃଷ୍ଠକୁ ଆଗମନ କରିଥିଲେ, ସେତେବେଳେ ଭକ୍ତ ହନୁମାନଙ୍କ ଆବିର୍ଭାବ ହୋଇଥିଲେ । ନିଜର ତୀକ୍ଷଣ ବୁଦ୍ଧିମତା, କର୍ତ୍ତବ୍ୟ ନିଷ୍ଠା, ଆତ୍ମ ବିଶ୍ୱାସ, ନିଃସ୍ୱାର୍ଥପର ସେବା ମନୋଭାବ ସର୍ବୋପରି ପ୍ରଭୁ ରାମ ଓ ମାତା ସୀତାଙ୍କ ପଦଯୁଗଳରେ ସ୍ଥିର ଚିତ୍ତ ପାଇଁ ସେ ଆଜିବି ପୂଜ୍ୟ ଓ ପ୍ରାତଃ ସ୍ମରଣୀୟ ।

ପବନ ଦେବଙ୍କ ଆଶୀର୍ବାଦ ଯୋଗୁଁ ବାନର ରାଜ କେଶରୀ ଓ ମାତା ଅଞ୍ଜନାଙ୍କ କୋଳ ମଣ୍ଡନ କରି ଭଗବାନ ଶିବଙ୍କର ଏକାଦଶ ଅବତାର ରୂପେ ହନୁମାନ ଜନ୍ମ ଗ୍ରହଣ କରିଥିଲେ । ବାଲ୍ୟକାଳ ରେ ହନୁମାନଙ୍କ ନାମ ଥିଲା ମାରୁତି । ନିଜର ଜିଜ୍ଞାସା ମନୋଭାବ ଯୋଗୁଁ କ୍ଷୁଧାର୍ତ୍ତ ମାରୁତି ସୂର୍ଯ୍ୟଙ୍କୁ ଲାଲ ଓ ହଳଦିଆ ରଙ୍ଗର ପାଚିଲା ଆମ୍ବ ଭାବି ଗିଳି ଦେଇଥିଲେ । ଯାହାକୁ ଦେଖି ଦେବରାଜ ଇନ୍ଦ୍ର କ୍ରୋଧାନ୍ୱିତ ହୋଇ ବଜ୍ର ପ୍ରହାର କରିଥିଲେ, ଯେଉଁଥିରେ ତାଙ୍କ ହନୁ ହାଡ଼ ଆଘାତ ପ୍ରାପ୍ତ ହୋଇଥିଲା । ତେବେ ଅବୋଧ ପୁତ୍ରର ଏପରି ସ୍ଥିତି ଦେଖି ପବନ ଦେବ ବିଳାପ କରିଥିଲେ । ପରବର୍ତ୍ତୀ ସମୟରେ ଦେବରାଜ ଇନ୍ଦ୍ର କ୍ଷମା ପ୍ରାର୍ଥନା କରିବା ସହ ସମସ୍ତ ଦେବଗଣ ମାରୁତିଙ୍କୁ ନିଜର ଶକ୍ତି ପ୍ରଦାନ କରିଥିଲେ ଏବଂ ସେହିଠାରୁ ତାଙ୍କର ନାମ 'ହନୁମାନ' ରଖାଯାଇଥିଲା । ସକାଳ ଶକ୍ତିର ଆଧାର ସୂର୍ଯ୍ୟ ଦେବଙ୍କଠାରୁ ଶିକ୍ଷା ଗ୍ରହଣ କରି ତାଙ୍କ ପରି ନିଜର କର୍ତ୍ତବ୍ୟ ନିଷ୍ଠା ଦ୍ୱାରା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ହନୁମାନ ।

ପ୍ରଭୁ ରାମଙ୍କ ସେବା ପାଇଁ ନିଜର ଜନ୍ମକୁ ଉତ୍ସର୍ଗ କରିଥିବା ହନୁମାନ ଯେତେବେଳେ ରାବଣ ଦ୍ୱାରା ମାତା ସୀତାଙ୍କ ଅପହରଣ କଥା ଶୁଣିଥିଲେ ଖୁବ୍ ପ୍ରିୟମାଣ ହୋଇପଡିଥିଲେ । ବାନରରାଜ ସୁଗ୍ରୀବଙ୍କ ସହ ଭେଟ କରାଇ ବନ୍ଧୁତା ସ୍ଥାପନର ଭିତ୍ତି ପକାଇଥିଲେ ଅଞ୍ଜନା ସୂତ । ଏହାପରେ ଭାରତର ଚାରି ଦିଗକୁ ସେନା ପଠାଇ ମାତା ସୀତାଙ୍କ ଅନୁସନ୍ଧାନ ଆରମ୍ଭ ହୋଇଥିଲା, ତେବେ ତିନି ଦିଗରୁ ବାନର ସେନା ନିରାଶ ହୋଇ ଫେରିବା ପରେ ଶେଷରେ ଦକ୍ଷିଣ ଦିଗକୁ ଯାଇଥିବା ସେନା ଉପରେ ଥିଲା ସମସ୍ତଙ୍କ ନଜର ଏବଂ ସେହି ଦଳରେ ଥିଲେ ହନୁମାନ, ମାତ୍ର ବାଲ୍ୟକାଳରେ ଦୁଷ୍ଟାମି ଯୋଗୁଁ ଋଷିଙ୍କ ଅଭିଶାପ ପାଇ ନିଜର ଶକ୍ତିକୁ ସେ ଭୁଲି ଯାଇଥିଲେ । ତେବେ ଏହି କ୍ଷେତ୍ରରେ ଜାମ୍ବବାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଭଲ୍ଲୁକ ରାଜ ହନୁମାନଙ୍କୁ ତାଙ୍କର ଅନ୍ତର୍ନିହିତ ଶକ୍ତି ସାମର୍ଥ୍ୟ ତଥା ଆତ୍ମ ବିଶ୍ୱାସକୁ ପୁନଃ ଜାଗରଣ କରିଥିଲେ ଏବଂ ଶ୍ରୀରାମଙ୍କୁ ସ୍ମରଣ କରି ଲଙ୍କା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ କେଶରୀ ନନ୍ଦନ । ଏହି ଘଟଣା ସୂଚୀତ କରେ ଜୀବନରେ ଆପଣ ଯେତେ ବି ବଳଶାଳୀ, ଜ୍ଞାନୀ ଅବା କ୍ଷମତାର ଅଧିକାରୀ ହେଲେ ସୁଦ୍ଧା ଜାମ୍ବବାନଙ୍କ ପରି ବ୍ୟକ୍ତି ଟିଏ ନିହାତି ଆବଶ୍ୟକ, ଯିଏକି ଜୀବନ ଯୁଦ୍ଧର କାଳବୈଶାଖୀରେ ଆସୁଥିବା ଘନ ଅନ୍ଧକାରରେ ବି ଆଶାର ପ୍ରଦୀପ ପ୍ରଜ୍ୱଳନ କରି ସଠିକ ମାର୍ଗଦର୍ଶନ କରିଥାନ୍ତି ।

କିଛି ମହତ୍ ଲକ୍ଷ୍ୟ ନେଇ କାର୍ଯ୍ୟ କରିଲେ ରାସ୍ତାରେ ଅନେକ କିଛି ସମସ୍ୟା ଆସିଥାଏ କ୍ଷ ତେବେ ଏହି ସମସ୍ୟା ମଧ୍ୟରେ ଛନ୍ଦି ନହୋଇ ସଫଳ ହେବା ଯାଏ ନିଜର ଉଦ୍ୟମ ଓ ସଂଗ୍ରାମ ଜାରି ରଖିବା ଉଚିତ । ଯାହାକି ଆପଣଙ୍କୁ ପ୍ରତିଷ୍ଠିତ ନିଶ୍ଚିତ ଭାବେ କରାଇବ । ଲଙ୍କା ଯିବା ବାଟରେ ସୁରସା ତାଙ୍କୁ ବାଧା ଦେବା ସହ ଆହାର ରୂପେ ଗ୍ରହଣ କରିବେ ବୋଲି ଜିଦି କରିଥିବା ବେଳେ, ହନୁମାନ ନିଜର ବୁଦ୍ଧିମତା ଓ ସାହସର ସହ ତାଙ୍କ ପାଟି ମଧ୍ୟରେ ପ୍ରବେଶ କରି ବାହାରି ଆସିଥିଲେ ଯିଏକି ତାଙ୍କୁ ସୀତାଙ୍କ ସୂଚନା ଦେଇଥିଲେ । ଲଙ୍କାରେ ପ୍ରବେଶ ସମୟରେ ଅନେକ ମାୟାବୀ ରାକ୍ଷସ ତାଙ୍କୁ ବାଧା ଦେଇଥିଲା ବେଳେ ହନୁମାନ କିନ୍ତୁ ଦୃଢ଼ ମୁକାବିଲା କରିଥିଲେ । ରାମ କାର୍ଯ୍ୟ ପାଇଁ ସଦା ସର୍ବଦା ବ୍ୟଗ୍ର ହନୁମାନ ଲଙ୍କାରେ ରାମ ନାମ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ, କାରଣ ଲଙ୍କା ହେଉଛି ରାକ୍ଷସଙ୍କ ଗଡ଼ । ତେବେ ସେଠାରେ ବିଭୀଷଣଙ୍କ ମୁହଁରେ ରାମ ନାମ ଶୁଣି ମାତା ସୀତାଙ୍କୁ କେମିତି ଖୋଜିବେ ତାହା ବିସ୍ମୃତ ଭାବେ ବୁଝିଥିଲେ । ଖାଲି ସେତିକି ନୁହେଁ ରାବଣର ଅତ୍ୟାଚାର ଏବଂ ବିଭୀଷଣଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସବୁକିଛି ବ୍ୟର୍ଥ ହୋଇଯାଇଥିଲା ବେଳେ ହନୁମାନ ସେଠାରେ ଆଶାର କିରଣ ଦେଖାଇଥିଲେ ।

ଅଶୋକ ବାଟିକାରେ ପହଞ୍ଚି ମାତା ସୀତାଙ୍କ କୃଶକାୟ ଶରୀର ଓ ଶ୍ରୀରାମଙ୍କୁ ସ୍ମରଣ କରି ରୋଦନ କରୁଥିବାର ଦେଖି କାନ୍ଦି ଉଠିଥିଲେ ହନୁମାନ । ପ୍ରଭୁଙ୍କ ପ୍ରଦତ୍ତ ମୁଦ୍ରିକା ମାତା ସୀତାଙ୍କୁ ଦେବା ସହ ତାଙ୍କ ଅନୁମତି ନେଇ ଅଶୋକ ବାଟିକାରେ ଥିବା ଉଦ୍ୟାନରେ ଫଳ ଖାଇବା ବାହାନାରେ ସମ୍ପୂର୍ଣ୍ଣ ଉଦ୍ୟାନକୁ ହିଁ ଉଜାଡି ଦେଇଥିଲେ, କାରଣ ଲକ୍ଷ୍ୟ ଥିଲା ରାବଣଙ୍କୁ ଚେତାବନୀ ଦେବା । ତେବେ ରାବଣର ଦରବାରରେ ନିଜକୁ ରାମଙ୍କ ଦୂତ ରୂପେ ପରିଚୟ ଦେଇ ମାତା ସୀତାଙ୍କୁ ସସମ୍ମାନ ସହକାରେ ମୁକ୍ତ କରିବା ପାଇଁ କହିଥିଲେ । ମାତ୍ର ଏହାକୁ କର୍ଣ୍ଣପାତ ନକରି ଓଲଟା ହନୁମାନଙ୍କ ଲାଞ୍ଜରେ ଘିଅ ଢାଳି ନିଆଁ ଲଗାଇ ଦେଇଥିଲେ । କୁହାଯାଏ ହନୁମାନ ହେଉଛନ୍ତି ଶିବଙ୍କ ସ୍ୱରୂପ ଏବଂ ଲାଞ୍ଜ ହେଉଛନ୍ତି ମାତା ପାର୍ବତୀ, ଯିଏକି ଶକ୍ତି ସ୍ୱରୂପା । ତେଣୁ ଯେଉଁ ଲାଞ୍ଜରେ ନିଆଁ ଲାଗିଥିଲା ତାହା ସିଧା ସଳଖ ସୁନାର ଲଙ୍କାକୁ ଜାଳିପୋଡ଼ି ଛାରଖାର କରିଦେଲା । ସମଗ୍ର ଲଙ୍କାବାସୀ ଭୀତତ୍ରସ୍ତ ହେଉଥିବା ବେଳେ ସମୁଦ୍ରରେ ନିଜ ଲାଞ୍ଜରେ ଲାଗିଥିବା ନିଆଁ ଲିଭାଇ ମାତା ସୀତାଙ୍କୁ ଭେଟି ଥିଲେ ହନୁମାନ । ମାତା ସୀତା ତାଙ୍କୁ ନିଜର ମୁଦ୍ରିକା ପ୍ରଦାନ କରିବା ସହ ଅଷ୍ଟ ସିଦ୍ଧି ଓ ନଅଟି ନିଧିର ଆଶୀର୍ବାଦ ପ୍ରଦାନ କରିଥିଲେ । ସେପଟେ ହନୁମାନ ପ୍ରଭୁ ରାମଙ୍କ ସହିତ ଖୁବ୍ ଶୀଘ୍ର ଲଙ୍କା ଆସିବେ ବୋଲି ଆଶ୍ୱାସନା ଦେଇ ବାନର ସେନା ପାଖକୁ ଫେରି ଆସିଥିଲେ । ପ୍ରଭୁ ଶ୍ରୀରାମ ତଥା ସମ୍ପୂର୍ଣ୍ଣ ବାନର ସେନାକୁ ଲଙ୍କାର ସମସ୍ତ ଘଟଣା କହିବା ସହ ପ୍ରଭୁ ରାମଙ୍କୁ ମୁଦ୍ରିକା ପ୍ରଦାନ କରିଥିଲେ । ଖୁସିରେ ଗଦଗଦ୍ ହୋଇ ଶ୍ରୀରାମ ତାଙ୍କୁ ନିଜର ଭରତ ଭାଇ ତୁଳନା କରିଥିଲେ, ଯାହାକୁ ଗୋସ୍ୱାମୀ ତୁଳସୀ ଦାସ ହନୁମାନ ଚାଳିଶାରେ ଲେଖିଛନ୍ତି - ' ତୁମ ମମ ପ୍ରିୟ ଭରତ ହିଁ ସମ ଭାଇ ।'

ସେପଟେ ସେତୁ ବନ୍ଧ ବାନ୍ଧି ଲଙ୍କାରେ ପହଁଞ୍ଚିବା ପରେ ଅନେକ ଅଭାବନୀୟ ଘଟଣା ଘଟିଥିଲା, ଯାହାକୁ ହନୁମାନ ନିଜର ବୁଦ୍ଧି, ଜ୍ଞାନ ଓ ଅସୀମ ଧୌର୍ଯ୍ୟ ସହ ମୁକାବିଲା କରି ସଫଳ ହୋଇଥିଲେ । ମହିରାବଣ ଦ୍ୱାରା ରାମ ଲକ୍ଷ୍ମଣଙ୍କ ଅପହରଣ ହେଉ ଅବା ଇନ୍ଦ୍ରଜିତ ଦ୍ୱାରା ଲକ୍ଷ୍ମଣଙ୍କୁ ଶକ୍ତି ଭେଦ ସମୟରେ ହିମାଳୟରୁ ସଞ୍ଜିବନୀ ବୁଟି ନେଇ ଫେରିବା ସମୟରେ ଭରତଙ୍କ ଶରାଘାତର ଶିକାର ହୋଇ ସୁଦ୍ଧା ଲକ୍ଷ୍ମଣଙ୍କୁ ନୂତନ ଜୀବନ ପ୍ରଦାନ କରିବା ହେଉ , ସବୁଥିରେ ହନୁମାନଙ୍କ ଭୂମିକା ଥିଲା ଅକଳ୍ପନୀୟ ଓ ଅବିସ୍ମରଣୀୟ ।

ଲଙ୍କା ବିଜୟ ପରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ ପ୍ରଭୁ ରାମ, ମାତା ସୀତାଙ୍କ ସମେତ ସମ୍ପୂର୍ଣ୍ଣ ବାନର ସେନା । ମାତା ସୀତା ଖୁସି ହୋଇ ହନୁମାନଙ୍କୁ ଏକ ମୁକ୍ତା ହାର ପ୍ରଦାନ କରିଥିଲେ, ଯାହାକୁ ଖୋଲି ଦେଇ ଟିକ୍ ଟିକ୍ କରି ଭାଙ୍ଗି କିଛି ଖୋଜୁଥିବା ବେଳେ ବିଭୀଷଣ ପ୍ରଶ୍ନ କରିଥିଲେ ଏତେ ଦାମୀ ଉପହାରକୁ କଣ ପାଇଁ ନଷ୍ଟ କରୁଛ ଓ କଣ ଖୋଜୁଛ ହନୁମାନ ? ପ୍ରତି ଉତ୍ତରରେ ହନୁମାନ କହିଥିଲେ ମୁଁ ଏହି ମୁକ୍ତା ଭିତରେ ପ୍ରଭୁ ରାମଙ୍କୁ ଖୋଜୁଛି କିନ୍ତୁ ପାଉନାହିଁ । ବିଭୀଷଣ ପୁନଃ ପ୍ରଶ୍ନ କରିଥିଲେ ତୁମ ହୃଦୟରେ କଣ ପ୍ରଭୁ ଶ୍ରୀରାମ ବସନ୍ତି ? ଏହାପରେ ନିଜର ହୃଦୟକୁ ବିଦାରି ପ୍ରଭୁ ରାମ, ମାତା ସୀତାଙ୍କୁ ଦେଖା ସମସ୍ତଙ୍କୁ ଚକିତ କରିଦେଇଥିଲେ । କାରଣ ମୋହମାୟା ଓ ଚାକଚକ୍ୟ ଠାରୁ ଶ୍ରୀରାମ ହିଁ ତାଙ୍କ ପାଇଁ ବଡ଼ ସବୁବେଳେ ଯେଉଁଥି ପାଇଁ ସେ ଅମର ବର ପ୍ରାପ୍ତ କରିଥିଲେ । ଖାଲି ସେତିକି ନୁହେଁ ସ୍ୱାମୀଙ୍କ ମଙ୍ଗଳକାମନା ସହ ତାଙ୍କ ଦୀର୍ଘାୟୁ ପାଇଁ ମାତା ସୀତା ସିନ୍ଥିରେ ସିନ୍ଦୂର ପିନ୍ଧିବାର କାରଣ ପଚାରି ବୁଝିଥିବା ହନୁମାନ, ନିଜ ଦେହକୁ ସମ୍ପୂର୍ଣ୍ଣ ଭାବେ ସିନ୍ଦୂରରେ ବୋଳି ଦେଇଥିଲେ । ଯେତେବେଳେ ଶ୍ରୀରାମ ଏହାର କାରଣ ପଚାରିଥିଲେ, ହନୁମାନ ଉତ୍ତର ଦେଇଥିଲେ ଯଦି ମାତା ସୀତା ଟିକିଏ ସିନ୍ଦୂର ପିନ୍ଧିଲେ ଆପଣଙ୍କ ମଙ୍ଗଳ ହେବ ତେବେ ମୁଁ ମୋର ସ୍ୱାମୀ ଶ୍ରୀରାମଙ୍କ ମଙ୍ଗଳ ପାଇଁ ସମ୍ପୂର୍ଣ୍ଣ ଶରୀରରେ ସିନ୍ଦୂର ବୋଳି ହୋଇଛି । ସତରେ ହନୁମାନଙ୍କ ବ୍ୟକ୍ତିତ୍ୱ ଯୁଗ ଯୁଗ ପାଇଁ ପ୍ରେରଣାପ୍ରଦ । ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ରଥର ଧ୍ୱଜା ଧାରଣ ହେଉ ଅବା ଭୀମଙ୍କ ଅହମିକା ଭାଙ୍ଗିବା ହେଉ ଅଥବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଚକ୍ରରାଜଙ୍କ ଗର୍ବ ଗଞ୍ଜନ କରି ସ୍ତମ୍ଭ ରୂପେ ପୂଜା ପାଇବାର ମୁଖ୍ୟ କାରଣ ହେଉ, ସବୁବେଳେ ହନୁମାନ ପ୍ରଭୁଙ୍କ ପାଇଁ ନିଜକୁ ସମର୍ପିତ କରିଛନ୍ତି । ସେଇଥି ପାଇଁ ସେ ଚାରିଯୁଗରେ ଅଜେୟ, ଅମର ଓ ଅବିନାଶୀ ।

+ପୂର୍ବତନ ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର ତଥା ଛାତ୍ର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

ମୋ: ୮୨୬୦୩୫୬୧୧୩

ଉତ୍କଳୀୟ ପରଂପରାରେ ମହାବିଷୁବ ପଣା ସଂକ୍ରାନ୍ତି

ଇଂ. ଅଭୟ ସୂତାର

ଆମ ସମାଜରେ ବହୁବିଧ ପର୍ବପର୍ବାଣିର ପାଳନ କେଉଁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସୁଅଛି, ତାହାର ସଠିକ୍ ତଥ୍ୟ ଉପସ୍ଥାପନ କରିବା କଷ୍ଟକର । ଏହି ପର୍ବପର୍ବାଣିକୁ ଆଧାର କରି ଆମ ସାହିତ୍ୟ ତଥା ସଂସ୍କୃତି ଯେଉଁପରି ଋଦ୍ଧିମନ୍ତ ହୋଇପାରିଛି, ଆମ ସାମାଜିକ ଜୀବନଯାତ୍ରା ସେହିପରି ଶୃଙ୍ଖଳିତ ଓ ସରସସୁନ୍ଦର ହୋଇପାରିଛି । କର୍ମକ୍ଲାନ୍ତ ଜୀବନରେ ଅବସର ବିନୋଦନ ଏକାନ୍ତ ଅପରିହାର୍ଯ୍ୟ, ଯାହାର ବ୍ୟତିରେକେ ମଣିଷର ଜୀବନଯାତ୍ରା ରୁଚିହୀନ ଓ ନିରସ ହୋଇଥା'ନ୍ତା । ପର୍ବପର୍ବାଣିର ପାଳନ ଯେ କେବଳ ମାତ୍ର ଆନନ୍ଦ ଉପଭୋଗ ପାଇଁ ଉଦ୍ଦିଷ୍ଟ ଭାବିବା ଠିକ୍ ନୁହେଁ, ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ, ଶରୀର ପକ୍ଷେ ଏହାର ଯଥେଷ୍ଟ ଉପାଦେୟତା ରହିଛି । ପଣାସଂକ୍ରାନ୍ତି ପର୍ବ ଆମ ରାଜ୍ୟରେ କାହିଁକି ସମଗ୍ର ଦେଶରେ ମଧ୍ୟ ଏକ ପ୍ରସିଦ୍ଧ ପର୍ବ । ଜ୍ୟୋତିଷ ଶାସ୍ତ୍ରାନୁଯାୟୀ, ଆମ ଦେଶର ଦୁଇ ପ୍ରକାର ପକର୍ବ ଓ ମାସ ଗଣନା କରାଯାଇଥାଏ, ତନ୍ମଧ୍ୟରୁ ଗୋଟିଏ ସୌରଚଳନ ଗଣାନୁଯାୟୀ ବର୍ଷ ମାସ ସ୍ଥିରୀକରଣ ଓ ଅନ୍ୟଟି ଚନ୍ଦ୍ରମାସ । ଦ୍ୱିତୀୟ ପଦ୍ଧତି ଅନୁଯାୟୀ, ପୂର୍ଣ୍ଣିମାଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ମାସ ଗଣନା କରାଯାଏ, ମାତ୍ର ପ୍ରଥମ ପଦ୍ଧତି ଏହାଠାରୁ ସ୍ୱତନ୍ତ୍ର । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, କ୍ରାନ୍ତିବୃତ ପ୍ରତ୍ୟେକ ଭାଗକୁ ଗୋଟିଏ ରାଶି ବୋଲି କୁହାଯାଏ ଓ ସମଗ୍ର କ୍ରାନ୍ତିବୃତଟି ଏହିପରି ବାରଟି ରାଶିରେ ବିଭକ୍ତ ହୋଇଅଛି । ସେହିପରି ବର୍ଷର ୧୨ଟି ମାସ କ୍ରମାନ୍ୱୟରେ ୧୨ଟି ରାଶିଦ୍ୱାରା ସୂଚୀତ ହୋଇଅଛି । ଏଣୁ ଭାରତୀୟ ପରଂପରା ଦୃଷ୍ଟିରୁ ମଧ୍ୟ ଏହି ବିଷୁବ ସଂକ୍ରାନ୍ତି ସର୍ବଜନବିଦିତ ।

ଆମ ରାଜ୍ୟରେ ମହାବିଷୁବ ସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି ପ୍ରଥମ ସଂକ୍ରାନ୍ତି ଭାବେ ଗଣ୍ୟ ହୋଇଛି । ଏଣୁ ଏହି ଦିନଟି ଓଡ଼ିଆ ବର୍ଷର ପ୍ରଥମ ଦିନ । ଏହି ଦିବସଠାରୁ ଓଡ଼ିଆ ପଞ୍ଜିକା ଅନୁସାରେ ବର୍ଷର ପ୍ରଥମ ମାସ ଓ ପ୍ରଥମ ଦିନ ଅଟେ । ମକରସଂକ୍ରାନ୍ତି ପରଠାରୁ ସୂର୍ଯ୍ୟ କ୍ରମଶଃ ମକର କ୍ରାନ୍ତିଠାରୁ ଅପସରି ବିଷୁବ ରେଖା ଆଡ଼କୁ ଗତି କରୁଥିବାରୁ, ଉତର ଗୋଲାର୍ଦ୍ଧରେ ଦିନ କ୍ରମଶଃ ବଡ଼ ଓ ରାତ୍ରି କ୍ରମଶଃ ଛୋଟ ହେବାକୁ ଲାଗେ ।

ଆମ ରାଜ୍ୟରେ ବାର ମାସରେ ତେର ପର୍ବ ପାଳନ କରାଯାଏ । ଓଡ଼ିଆ ବର୍ଷର ପ୍ରଥମ ଦିନ ମହାବିଷୁବ ସଂକ୍ରାନ୍ତି ହୋଇଥିବାରୁ ପ୍ରତ୍ୟେକ ଓଡ଼ିଆ ପରିବାର ଓ ଦେବଦେବୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନାର ଆୟୋଜନ କରାଯାଏ । ସୂର୍ଯ୍ୟ ସକଳ ଶକ୍ତିର ଆଧାର ଓ ଆଲୋକର ଉତ୍ସ । ସମଗ୍ର ଗ୍ରହ ଜଗତ ହିଁ ସୂର୍ଯ୍ୟଙ୍କର ଏକ ଅଂଶବିଶେଷ । ଏଣୁ ବହୁ ପୁରାତନ କାଳରୁ ଆମ ସମାଜରେ ସୂର୍ଯ୍ୟପୂଜାର ବିଧି ପ୍ରଚଳିତ ହୋଇଆସୁଅଛି । ପଣାସଂକ୍ରାନ୍ତି ବେଳକୁ ସୂର୍ଯ୍ୟକିରଣର ପ୍ରଖରତା ଯଥେଷ୍ଟ ବୃଦ୍ଧି ପାଇଥାଏ । ଏହି କାରଣରୁ ମଣିଷ ଶରୀରର ତାପମାତ୍ରା ଅଧିକ ହୋଇଥାଏ । ତାପମାତ୍ରା ଅଧିକ ହେତୁ ଗୁରୁପାକ ଖାଦ୍ୟ ସହଜରେ ହଜମ ହୋଇଥାଏ । ଶରୀରର ଏହି ବର୍ଦ୍ଧିତ ତାପଶକ୍ତିକୁ ନିୟନ୍ତ୍ରଣ କରିବା ପାଇଁ ପଣାପାନର ବ୍ୟବସ୍ଥା କରାଯାଇଥାଏ । ଦେବାଳୟ ଓ ମନ୍ଦିରଗୁଡ଼ିକରେ ପଣାଭୋଗର ଆୟୋଜନ କରାଯାଇ ପ୍ରିୟଜନ ତଥା ବନ୍ଧୁବାନ୍ଧବମାନଙ୍କୁ ପଣା ଦିଆଯାଏ । ପ୍ରଚଣ୍ଡ ରୌଦ୍ରତାପଜନିତ କାରଣରୁ ନଦୀ, ପୋଖରୀ, କୂପ ଆଦି ଜଳଶୂନ୍ୟ ହେବା ଯୋଗୁଁ ତୃଷାର୍ତ ପଥିକଙ୍କ ପାଇଁ ଜଳଛତ୍ରର ବ୍ୟବସ୍ଥା ଏ ସଂକ୍ରାନ୍ତିର ମହତ୍ୱପୂର୍ଣ୍ଣ ଘଟଣା । ପ୍ରଚଣ୍ଡ ସୂର୍ଯ୍ୟତାପ ସାଙ୍ଗକୁ ଉଷ୍ଣବାୟୁ ପ୍ରବାହ ପ୍ରାଣୀଜଗତ ତଥା ଉଦ୍ଭିଦ ଜଗତକୁ ଅତ୍ୟନ୍ତ କଷ୍ଟ ହୋଇଥାଏ । ପୌରାଣିକ ଆଖ୍ୟାନକୁ ଭିତିକରି ଅଗ୍ନି ଓ ବାୟୁ ଦାଉରୁ ରକ୍ଷା ପାଇବା ପାଇଁ ହନୁମାନ ଜୟନ୍ତୀ ମଧ୍ୟ ଏହି ଦିବସରେ ପାଳନ କରାଯାଏ । ମହାବିଷୁବସଂକ୍ରାନ୍ତି ଦିନ ପବିତ୍ର ଝାମୁଯାତ୍ରା ବ୍ରତ ଶେଷ କରାଯାଏ । ଏହି ପର୍ବର ପ୍ରାୟ ଏକମାସ ପୂର୍ବରୁ ଝାମୁବ୍ରତର ପାଳନ ଆରମ୍ଭ ହୁଏ । ଝାମୁବ୍ରତ ପାଳନକାରୀଙ୍କୁ 'ପାଟୁଆ' କୁହାଯାଏ । ଯେଉଁମାନେ ପାର୍ବତୀଙ୍କର ପୂଜା କରନ୍ତି, ସେମାନେ ନାନା ସ୍ଥାନ ଭ୍ରମଣ କରି ଦେବୀଙ୍କର ମହିମା ପ୍ରଚାର କରନ୍ତି । ସେହିପରି ଶିବଙ୍କୁ ଯେଉଁମାନେ ପୂଜା କରି ବ୍ରତ ପାଳନ କରନ୍ତି, ସେମାନଙ୍କୁ 'ଦଣ୍ଡପାଟୁଆ' ବୋଲି କୁହାଯାଏ । ଉଭୟ ପୂଜକ ଗୋଷ୍ଠୀ ଏହି ଦିନରେ ବ୍ରତ ଉଦ୍‌ଯାପନ କରିଥା'ନ୍ତି । ଏହି ଦିନଟିକୁ ମଧ୍ୟ ବହୁସ୍ଥାନରେ ହନୁମାନ ଜୟନ୍ତୀ ଭାବରେ ପାଳନ କରାଯାଇଥାଏ । ହିନ୍ଦୁଶାସ୍ତ୍ରରେ ବିଭିନ୍ନ ପର୍ବପର୍ବାଣିର ଅବତାରଣା ସମ୍ପର୍କରେ ବହୁ ଗୁଢ଼ତତ୍ତ୍ୱ ସନ୍ନିବେଶିତ ହୋଇଅଛି । ଧାର୍ମିକ ତଥା ବୈଜ୍ଞାନିକ ଦୃଷ୍ଟିକୋଣରୁ ଏ ସବୁର ମଧ୍ୟ ତାତ୍ପର୍ଯ୍ୟ ରହିଛି । ଆମର ଉତ୍କଳୀୟ ସାମାଜିକ ଚଳଣି ଓ ଜୀବନଧାରାକୁ ସୁସଂହତ ଓ ପରିମାର୍ଜିତ କରିବା ପାଇଁ ଏସବୁର ଆବଶ୍ୟକତା ଓ ବିଶେଷତ୍ୱ ମଧ୍ୟ ରହିଛି । ଉତ୍କଳର ପର୍ବପର୍ବାଣି ସାଧାରଣତଃ ଧର୍ମ ଓ ପୌରାଣିକ ଉପାଖ୍ୟାନର ଭିତିଭୂମି ଉପରେ ପ୍ରତିଷ୍ଠିତ ହେଉଥିବାରୁ ଏଗୁଡ଼ିକୁ ଅବ୍ୟବହାରିକ ଢ଼ଙ୍ଗରେ ପରିଗଣିତ ନ କରାଇ, ସାମ୍ପ୍ରତିକ ସମାଜ ଓ ସଂସ୍କୃତିର ମୂଳତଥ୍ୟ ଓ ଧାରାକୁ ଧରି ରଖି ପରମ୍ପରାର ମର୍ଯ୍ୟାଦା ବୃଦ୍ଧି କରିବାରେ ସହାୟକ ହେଲେ, ଜନଜୀବନର ଉନ୍ନତି ସାଧିତ ହେବା ସଙ୍ଗେସଙ୍ଗେ ପର୍ବପର୍ବାଣିର ମୂଲ୍ୟବୋଧ ଅପରିବର୍ତ୍ତିତ ରହିବ ।

+ଗୀତିକାର (ସ୍ୱୀକୃତିପ୍ରାପ୍ତ), ଆକାଶବାଣୀ ଓ ଦୂରଦର୍ଶନ(ପ୍ରସାରଭାରତୀ)

ମୋ.୯୪୩୭୩୭୬୯୬୭

ଅନୁଚିନ୍ତା ଓଡ଼ିଆ ନବବର୍ଷର

ନିରଞ୍ଜନ ସାହୁ

ଆଜି ବିଷୁବ ରେଖା ଉପରେ
ସୂର୍ଯ୍ୟଙ୍କର ଉପସ୍ଥାନ
ତୁଳସୀ ଚଉଁରା ଉପରେ
ଜାମୁକୋଳି ଝାଟିର ଛାମୁଣ୍ଡିଆ
ବସୁନ୍ଧରା ଠେକିରୁ ଥପଥପ ହୋଇ
ଖସିପଡୁଛି ଜଳ ବିନ୍ଦୁ
ପ୍ରତ୍ୟେକ ଦେବାଦେବୀଙ୍କ ପୀଠରେ
ଲାଗିଛି ଭକ୍ତଙ୍କର ଭିଡ଼
ଶକ୍ତିପୀଠରେ ଚାଲିଛି ଝାମୁଯାତ୍ରା
ନିଆଁରଡ ଉପରେ ଚାଲୁଛନ୍ତି
ବ୍ରତଧାରୀ ଘଣ୍ଟପାଟୁଆ
ଚାଲିଛି ହନୁମାନ ଜୟନ୍ତୀ ପାଳନ
ପିଆ ଚାଲିଛି ପଣା
ଖିଆ ଚା

ଓଡ଼ିଶାରେ ବର୍ଷକୁ ଚିହ୍ନଟ ହେଉଛନ୍ତି ୫ ହଜାର ନୂଆ କୁଷ୍ଠରୋଗୀ

କଟକ , ୧୩/୦୪ (ନି.ପ୍ର): ରାଜ୍ୟରେ କୁଷ୍ଠରୋଗର ଭୟଙ୍କର ସ୍ଥିତି ଏବେ ସାମନାକୁ ଆସିଛି । ସ୍ଥିତି ଏମିତି ଯେ କୁଷ୍ଠ ରୋଗ ନିରାକରଣ ଅଭିଯାନର ଯଥାର୍ଥତାକୁ ନେଇ ପ୍ରଶ୍ନ ଉଠୁଛି । ବର୍ଷକୁ ୪୦ କୋଟିରୁ ଅଧିକ ଟଙ୍କା କେବଳ ଦରମାରେ ଖର୍ଚ୍ଚ ହେଉଥିଲେ ବି ଓଡ଼ିଶା ଦେଶର କୁଷ୍ଠ ପ୍ରବଣ ରାଜ୍ୟ ଭାବେ ପରିଗଣିତ ହେଉଛି । କୁଷ୍ଠ ରୋଗୀଙ୍କୁ ଠିକ ଢଙ୍ଗରେ ଆବଶ୍ୟକ ଚିକିତ୍ସା ସୁବିଧା ବି ମିଳୁ ନାହିଁ । ଏବେ ରାଜ୍ୟରେ ପ୍ରତିବର୍ଷ ହାରାହାରି ୫ ହଜାର ନୂଆ କୁଷ୍ଠ ରୋଗୀ ଚିହ୍ନଟ ହେଉଛନ୍ତି । ଅନ୍ୟପଟେ ମୋଟ ରୋଗୀଙ୍କ ମଧ୍ୟରେ ଅତି ସଂକ୍ରାମକ ରୋଗୀଙ୍କ ସଂଖ୍ୟା ହେଉଛି ପ୍ରାୟ ୫୦ ପ୍ରତିଶତ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଗାଁଗଣ୍ଡାରେ ରହୁଥିବା ଅନେକ କୁଷ୍ଠ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ମିଳୁ ନଥିବାରୁ ସେମାନେ ନିଜର ଗୋଡ ହାତ ହରାଉଛନ୍ତି । ଓଡ଼ିଶାରେ ଗୋଡ କାଟିବାକୁ ସୁବିଧା ମିଳୁ ନଥିବାରୁ ସେମାନେ ଏଥିପାଇଁ ଛତିଶଗଡ଼, ଆନ୍ଧ୍ର ପ୍ରଦେଶ ନଚେତ ଦିଲ୍ଲୀ ଯାଉଛନ୍ତି । ରାଜ୍ୟର କୌଣସି ମେଡିକାଲରେ ଏବେ କୁଷ୍ଠ ରୋଗୀଙ୍କ ଗୋଡକଟା ଅଥବା ଆମ୍ପୁଟେସନ୍ କରାଯାଉନାହିଁ ।

ରାଜ୍ୟରେ କୁଷ୍ଠ ରୋଗୀଙ୍କ ପାଇଁ ଥିବା ୮୫ଟି ସ୍ୱତନ୍ତ୍ର ପଲ୍ଲୀରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନାହିଁ । ସ୍ଥିତି ଏମିତି ଯେ ସେଠି କୁଷ୍ଠ ରୋଗୀ ନିଜ ଡ୍ରେସିଂ ନିଜେ କରୁଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ସପ୍ତାହରେ ଜଣେ ଡାକ୍ତର, ପାରାମେଡିକାଲ କର୍ମଚାରୀ ଓ ଡ୍ରେସର ପଲ୍ଲୀକୁ ଯିବା କଥା । ମାତ୍ର ଏ ନିର୍ଦ୍ଦେଶର ମଧ୍ୟ ଅବମାନନା କରାଯାଉଛି । ପଲ୍ଲୀକୁ ଯାଇ କେବଳ ଔଷଧ ରଖି ଦେଇ କର୍ମଚାରୀ ଚାଲି ଆସୁଛନ୍ତି । ସରକାରଙ୍କ ତଥ୍ୟ ମୁତାବକ ରାଜ୍ୟରେ ୧୧ ଲକ୍ଷ ୮୩ ହଜାର କୁଷ୍ଠରୋଗୀ ଆରୋଗ୍ୟ ହୋଇଛନ୍ତି । କୁଷ୍ଠ ରୋଗୀଙ୍କ ଚିକିତ୍ସା ପାଇଁ ୪୭ ହଜାର ଆଶା କର୍ମୀ, ୨୭୦୦ ଆୟୁଷ ଡାକ୍ତର, ୪ହଜାର ଏମବିବିଏସ ଡାକ୍ତର ଓ ୧୫ ହଜାର ପାରାମେଡିକାଲ କର୍ମୀ କାମ କରୁଛନ୍ତି । ରାଜ୍ୟର ୩୦ଟି ଜିଲ୍ଲାରେ ୩୦ଟି ଡିଏଲଓ (ଜିଲ୍ଲା କୁଷ୍ଠ ରୋଗ ନିରାକରଣ କାର୍ଯ୍ୟାଳୟ) କାମ କରୁଛି । ଭୁବନେଶ୍ୱରରେ ଏକ ଅତିରିକ୍ତ କାର୍ଯ୍ୟାଳୟ ରହିଛି । ୩୧ ଡିଏଲଓ କାମ କରୁଥିବା ବେଳେ ତାଲିମ ପ୍ରାପ୍ତ କୁଷ୍ଠ କର୍ମୀ (ପାରାମେଡିକାଲ କର୍ମଚାରୀ)ଙ୍କ ଅଭାବ ରହିଛି । ରାଜ୍ୟରେ ୪୦୪ କୁଷ୍ଠ କର୍ମୀ ପଦବିରୁ ୩୫୯ଟି ପଦବି ଖାଲି ପଡିଛି । ଏଭଳି ସ୍ଥିତିରେ କେବଳ କୁଷ୍ଠ ନିରାକରଣ ଯୋଜନାରେ ୪୦ କୋଟି ଟଙ୍କା କେବଳ ଦରମାରେ ଯାଉଛି । ଅନ୍ୟପଟେ ବ୍ୟବସ୍ଥାର ଦୁର୍ବଳତା ଯୋଗୁଁ କେବଳ ଅର୍ଥ ଶ୍ରାଦ୍ଧ ହେଉଛି । କୁଷ୍ଠ ରୋଗୀଙ୍କୁ ମିଳୁଥିବା ଏମ୍‌ସିଆର ଜୋତା ବିନା ମାପରେ ତିଆରି କରାଯାଉଛି । ଫଳରେ ହଜାର ହଜାର ହଳ ଜୋତା ବ୍ୟବହାର ହୋଇ ନ ପାରି ଫିଙ୍ଗା ଯାଉଛି । ସଂକ୍ରମଣ ଭୟରେ କେହି ରୋଗୀଙ୍କ ଜୋତା ମାପ ନେଉ ନାହାନ୍ତି । ଏ ସଂପର୍କରେ ସାମାଜିକ କର୍ମୀ ଭଗବାନ ପ୍ରଧାନ କହିଛନ୍ତି ଯେ କୁଷ୍ଠନିରାକରଣ ଯୋଜନା କେବଳ କାଗଜକଲମରେ ଚାଲିଛି । ଏହି ଅଭିଯାନ ସହ ଜଡିତ ଅନେକ ସାମାଜିକ ସଂଗଠନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ତେଣୁ ଏକ ସମନ୍ୱୟ ବୈଠକ ବସି କୁଷ୍ଠ ରୋଗୀଙ୍କ ସମସ୍ୟାକୁ ନେଇ ପ୍ରତି ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ନିଷ୍ପତ୍ତି ନିଆଯାଇଛି । ସମସ୍ୟାର ସମାଧାନ ନ ହେଲେ ହଜାର ହଜାର କୁଷ୍ଠ ରୋଗୀ ନବୀନ ନିବାସକୁ ଶୋଭାଯାତ୍ରାରେ ଯାଇ ଦାବି ରଖିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ସହରାଞ୍ଚଳ ରୂପାନ୍ତରଣ କର୍ମଶାଳା

ବ୍ରହ୍ମପୁର, ୧୩/୦୪ (ନି.ପ୍ର): ବ୍ରହ୍ମପୁରସ୍ଥିତ ଏମକେସିଜି ନୂତନ ସମ୍ମିଳନୀ କକ୍ଷରେ ସହରାଞ୍ଚଳ ରୂପାନ୍ତରଣର କ୍ଲଷ୍ଟରସ୍ତରୀୟ କର୍ମଶାଳା ହୋଇଯାଇଛି । ଦ୍ୱିତୀୟ ତଥା ଉଦ୍‌ଯାପନୀ ଦିବସରେ ଗଞ୍ଜାମ, ରାୟଗଡା, ବୌଦ୍ଧ, ଗଜପତି ଓ କନ୍ଧମାଳ ଜିଲ୍ଲାର ୨୭ଟି ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ର ନିର୍ବାହୀ ଅଧିକାରୀ, ପୌର ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଏସ୍‌ବିଏମ୍ ଓ ସାନିଟେସନ୍ କର୍ମଚାରୀ ମାନେ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ ଜି ମାଥି ଭାଥନନ୍ ଅର୍ବାନ୍ ଗଭର୍ଣ୍ଣାନ୍‌ସ୍ ଭିଜନ୍ ୨୦୨୩-୨୪ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଏଥିରେ ସେ ସହରାଞ୍ଚଳ ରୂପାନ୍ତରଣ ଠାରୁ ଆରମ୍ଭ କରି ୱାର୍ଡ ଅଫିସ କାର୍ଯ୍ୟକ୍ଷମ, କଲ୍ୟାଣମଣ୍ଡପ ନିର୍ମାଣ, ରୋଡ, ଡ୍ରେନ୍, ଭେଣ୍ଡିଂ ଜୋନ୍, ମୁକ୍ତା ୨.୦, ଜାଗା ମିଶନ୍ ୨.୦, ପାନୀୟ ଜଳ ୨.୦, କଠିନ ଓ ତରଳ ବର୍ଜ୍ୟ ପରିଚାଳନା, ଗାରିମା ଆଦି ସମସ୍ତ ଯୋଜନା ବିଷୟରେ ପ୍ରକାଶ କରିଥିଲେ ।

ରାଜ୍ୟର ସମସ୍ତ ସହରାଞ୍ଚଳକୁ ଶ୍ରେଷ୍ଠ ବାସପଯୋଗୀ ସ୍ଥଳ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖୁଛନ୍ତି । ସେଥିପାଇଁ ପ୍ରତି ୱାର୍ଡରେ ୱାର୍ଡ ଅଫିସ ସ୍ଥାପନ କରି ମୁଖ୍ୟ ଅଫିସ୍‌ର ବୋଝ କମାଇବାକୁ ଗୁରୁତ୍ୱ ଦେଇଛନ୍ତି । ୱାର୍ଡ ଅଫିସ୍‌ଗୁଡ଼ିକର ପରିଚାଳନା ଦାୟିତ୍ୱ ମିଶନ୍ ଶକ୍ତି ଗ୍ରୁପ୍ ହାତରେ ଦେଇ ଯଥାଶୀଘ୍ର ଲୋକଙ୍କୁ ନିଜ ୱାର୍ଡରେ ସମସ୍ତ ସେବା ଓ ସୁବିଧା ଚୟନ କରି କାର୍ଯ୍ୟ ଆରମ୍ଭ କରିବାକୁ କହିଥିଲେ । ସେହିପରି ଜଳକ୍ରିହୀନ ଜଳାଶୟ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ସମସ୍ତ ସିସି ରୋଡ୍‌କୁ ପେଭର୍ ବ୍ଲକ୍‌ରେ ରୂପାନ୍ତରଣ, ଜାଗା ମିଶନ୍‌ରେ ଜଙ୍ଗଲ ଓ ଅନ୍ୟାନ୍ୟ କିସମର ଜମି ହସ୍ତାନ୍ତରଣ, କଜା ଡ୍ରେନ୍ ଓ ରାସ୍ତାକୁ ପକ୍କା କରିବା, ଖୋଲା ଡ୍ରେନ୍‌କୁ ଆଚ୍ଛାଦିତ କରିବା, ସାମାଜିକ କାର୍ଯ୍ୟକ୍ରମ ପାଇଁ ଏନ୍‌ଏସି, ପୌରପାଳିକା ଓ ମହାନଗର ନିଗମରେ ଯଥାକ୍ରମେ ୨, ୪ ଓ ୧୦ଟି ଲେଖାଏଁ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ଲକ୍ଷ୍ୟ ନେଇ କାମ ଜୋରଦାର କରିବାକୁ ଶ୍ରୀ ମାଥି ଭାଥନନ କହିଥିଲେ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଠିକାଦାର କେନ୍ଦ୍ରିତ ବିକାଶ ଧାରା ଏବେ ଗୋଷ୍ଠୀ କେନ୍ଦ୍ରିତ ଉନ୍ନୟନ ମଡେଲ୍‌ରେ ରୂପାନ୍ତରିତ ହୋଇଛି । ମିଶନ୍ ଶକ୍ତି ଗୋଷ୍ଠୀ ଓ ବସ୍ତି ବାସିନ୍ଦା ସଂଘମାନେ ପୌରସଂସ୍ଥାର ପ୍ରମୁଖ ସହଯୋଗୀ ହୋଇପାରିଛନ୍ତି । ତେଣୁ ପ୍ରତ୍ୟେକ ଯୋଜନାର ସମ୍ପ୍ରସାରଣ ବେଳେ ସେମାନଙ୍କୁ ଗୁରୁତ୍ୱ ଦେଇ କାର୍ଯ୍ୟରେ ନିୟୋଜିତ କରିବା, ସେମାନଙ୍କ ପାଉଣା ଠିକଣା ସମୟରେ ପୈଠ କରିବାକୁ ପରାମର୍ଶ ଦେଇଥିଲେ । ଏହା ଦ୍ୱାରା ସହରର ନିରବଚ୍ଛିନ୍ନ ବିକାଶ ସହ ଆର୍ଥିକ ଦୁର୍ବଳ ଶ୍ରେଣୀକୁ କର୍ମସଂସ୍ଥାନ ଉପଲବ୍ଧ କରାଇବାରେ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ସଫଳ ହୋଇପାରିବ । ଏହା ସହ ମୁକ୍ତା ଯୋଜନାରେ ଅଧିକରୁ ଅଧିକ ମିଶନ୍ ଶକ୍ତି ଗ୍ରୁପ୍‌କୁ ସାମିଲ୍ କରିବାକୁ ସେ ପରାମର୍ଶ ଦେଇଥିଲେ । ଅନ୍ୟପଟେ ମିଶନ୍ ଶକ୍ତି ଗ୍ରୁପ୍ ହଇରାଣ ହରକତ କରିବା, ବ୍ୟାଟିଂ କରିବା ଓ ବିଲ୍ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ମାଥି ସତର୍କ କରିଦେଇଥିଲେ । ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ କର୍ମଶାଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କର୍ମଶାଳାରେ ବିଭାଗୀୟ ଯୁଗ୍ମ ଶାସନ ସଚିବ ତଥା ନିର୍ଦ୍ଦେଶକ ସୁତା ସାରଦା ପ୍ରସାଦ ପଣ୍ଡା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ୍, ବିଏମ୍‌ସି କମିଶନର ଜେ.ସୋନାଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

୫-ଟି ଯୋଜନାରେ ହେଉଛି ଦୁର୍ନୀତି- ବିଆରଏସ

ଜୟପୁର, ୧୩/୦୪ (ନି.ପ୍ର): ସାରା ରାଜ୍ୟ ସହ କୋରାପୁଟ ଜିଲାରେ ୫-ଟି ଯୋଜନାରେ ହେଉଥିବା ସ୍କୁଲର ସୌନ୍ଦର୍ଯ୍ୟକରଣ ଏବଂ ମରାମତି କାମରେ କୋଟି କୋଟି ଟଙ୍କା ସରକାରୀ ଅର୍ଥରେ ଦୁର୍ନିତି ହୋଇଥିବା ନେଇ ବିଆରଏସ ର ଜୟପୁର ନେତା ରବିନ୍ଦ୍ର ମହାପାତ୍ର ଅଭିଯୋଗ କରିଛନ୍ତି । ଏନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି । ଏହା ସହ ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପରେ ଏକ ସାମ୍ବାଦିକ ସମ୍ମିଳନି କରି ମଧ୍ୟ ରବିନ୍ଦ୍ର ମହାପାତ୍ର ସୁଚନା ଦେଇଛନ୍ତି ଯେ ୫-ଟି ନାମରେ କୋଟି କୋଟି ଟଙ୍କା ହରି ଲୁଟ ହୋଇଛି । ସ୍କୁଲର ସୌନ୍ଦର୍ଯ୍ୟକରଣ ଏବଂ ମରାମତି କାମରେ ଅର୍ଥ ଖର୍ଚ୍ଚ କରାଯାଉଥିବା ବେଳେ ଶିକ୍ଷା ବ୍ୟବସ୍ଥାରେ କିଛି ସୁଫଳ ମିଳୁ ନାହିଁ । କାର୍ଯ୍ୟ ନିମ୍ନ ମାନ ହୋଉଛି, କାଯ୍ୟନିର୍ମାଣର ୨ ରୁ ୩ ମାସ ମଧ୍ୟରେ କେଉଁ ସ୍କୁଲ ଛାତରୁ ପାଣି ଗଳୁଛି କେଉଠି କାନ୍ଥର ପ୍ଲାଷ୍ଟର ଛାଡି ଯାଉଛି, ଚଟାଣର ଟାଇଲସ ଉଠିଯାଉଛି, କେଉଁଠି କମ୍ପୁଟର କାମ କରୁ ନାହିଁ, ଟେବୁଲ ଚେୟାର, କବାଟ ଝରକା, ଭାଙ୍ଗି ଯାଇଛି । ଏଭଳି ନିମ୍ନ ମାନର କାମ ବିନା ଟେଣ୍ଡରରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଙ୍କ ଦ୍ୱାରା କରାଯାଉଛି । ବ୍ଲକର ୧୦ ଲକ୍ଷ ଓ ସହରରେ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେଲେ ଟେଣ୍ଡର କରିବାର ନିୟମ ଥିବା ବେଳେ ଏହାକୁ ଭାଗ ଭାଗ କରି ବନା ଟେଣ୍ଡରରେ କାମ କରାଯାଇଛି । ଜିଲାର ଲମତାପୁଟ, ନନ୍ଦପୁର ରେ ଛାତ ପଡି ଯାଇଥିବା ବେଳେ ଜୟପୁର ରେ ଛାତରୁ ପାଣି ଗଳୁଛି । ତେଣୁ ୫-ଟି ଯୋଜନାରେ କ୍ରୟ କରାଯାଉଥିବା ମେଟେରିଆଲ ବିଲ ଏବଂ ପ୍ରକୃତ ଜିନିଷର ମୁଲ୍ୟର ତଦନ୍ତ କରାଯାଉ,ଯେଉଁ ଜେଇ ମାନେ କୋଟି କୋଟି ଟଙ୍କା ବିନିଯୋଗ କରି କାର୍ଯ୍ୟ କରୁଛନ୍ତି ସେ ମାନଙ୍କ ପାଖରେ ଏହି କୋଟି କୋଟି ଟଙ୍କା ଆସିଲା କେଉଠି ତାହାର ତଦନ୍ତ କରାଯାଉ, ଏହି କାଯ୍ୟ କରୁଥିବା ଜେଇ ମାନଙ୍କୁ କଳା ତାଲିକାଭୁକ୍ତ କିମ୍ବା ନିଲମ୍ବନ କରି ଦୃଷ୍ଟାନ୍ତମୁଳକ କାଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ଆଦି ଦାବି ରହିଛି ।

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ: ୨ ଆହତ

ଜୟପୁର, ୧୩/୦୪ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣି ଗ୍ରାମର ଶୀତଳା ମନ୍ଦିର ନିକଟରେ ଆକ୍ରମଣ ହୋଇଛି । ଏହି ଆକ୍ରମଣରେ ୨ ଜଣ ଆହତ ହୋଇଛନ୍ତି । ଆହତମାନେ ହେଲେ କୁସୁମପୁଟର ଅଶୋକ ବାହାଦୁର ଓ ରାଜା ବିଷୋୟୀ । ଉକ୍ତ ଦୁଇ ଜଣଙ୍କ ମୁଣ୍ଡ ଫାଟି ଥିବା ଜଣାଯାଇଛି । ପୋଲିସ ସୂଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ କୁସୁମପୁଟ ଗ୍ରାମର ଗୋବିନ୍ଦ ପଟ୍ଟନାୟକ, ଅଶୋକ ବାହାଦୁର ଓ ରାଜା ବିଷୋୟୀ ଏକ ବାଇକ ଯୋଗେ ଗ୍ରାମକୁ ଯାଉଥିବା ବେଳେ ବାମୁଣି ଗାଁର ଶିତଳା ମନ୍ଦିର ନିକଟରେ ୨ ଜଣ ବ୍ୟକ୍ତି ରାସ୍ତା ଅବରୋଧ କରି ଆକ୍ରମଣ କରିଥିଲେ । ଫଳରେ ଆଶୋକ ଓ ରାଜା ର ମୁଣ୍ଡ ଫାଟିଛି । ଏନେଇ ଗୋବିନ୍ଦ ପଟ୍ଟନାୟକ ଜୟପୁର ସଦର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ଚିଲିକାରେ ଅସୁରକ୍ଷିତ ଜଳଯାତ୍ରା: ବାଜିରେ ଲାଗିଛି ଯାତ୍ରୀଙ୍କ ଜୀବନ

ବ୍ରହ୍ମଗିରି , ୧୩/୦୪ (ନି.ପ୍ର): ଚିଲିକାର ସାତପଡ଼ା ଘାଟଠାରୁ ଜହ୍ନିକୁଦା ଘାଟ ପର୍ଯ୍ୟନ୍ତ ଭସାପୋଲ, ଘାଟ ଡଙ୍ଗା, ଘରୋଇ ଡଙ୍ଗା ଯାତ୍ରୀ ପରିବହନ କରୁଛି । ଚିଲିକାରେ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ଫଳ ଶୂନ । ଆଗକୁ ପଣାଯାତ୍ରା ଆସୁଥିବା ବେଳେ ବହୁ ଶ୍ରଦ୍ଧାଳୁ ଡଙ୍ଗାରେ ଚିଲିକା ପାରି ହେବେ । ତେବେ ଚିଲିକାରେ ଅସୁରକ୍ଷିତ ଭାବେ ଯାତ୍ରୀ ପରିବହନ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ, ସାତପଡ଼ାଠାରୁ ଜହ୍ନିକୁଦା ଦୀର୍ଘ ୫ କିଲୋମିଟର ଜଳପଥ ପ୍ରତ୍ୟକ ଦିନ ବିନା ଲାଇଫ୍ ଜ୍ୟାକେଟ୍ ଲୋକେ ପାରି ହେଉଛନ୍ତି । ଏମିତିକି ଅନ୍ଧାର ରାତିରେ ଟର୍ଚ୍ଚ ଲଗାଇ ଅଥଳ ଚିଲିକାରେ ଯାତ୍ରୀ ପରିବହନ ହେଉଛି । ପୂର୍ବରୁ ଅନେକ ଥର ମଝି ଚିଲିକାରେ ଡଙ୍ଗା ଦୁର୍ଘଟଣାଗ୍ରସ୍ତ ହୋଇଥିବା ନଜିର ରହିଛି । ଏମିତିକି ଡଙ୍ଗାରୁ ପଡ଼ି ପର୍ଯ୍ୟଟକଙ୍କ ମୃତ୍ୟୁ ମଧ୍ୟ ହୋଇଛି । ଅନେକ ଡଙ୍ଗା ବିନା ପଞ୍ଜୀକରଣରେ ଚାଲିଛି । ସବୁକିଛି ଦିନ ଦ୍ୱିପ୍ରହରରେ ଚାଲିଥିବା ବେଳେ ପ୍ରଶାସନ ଚୁପ୍ ବସିଛି । କୃଷ୍ଣପ୍ରସାଦ ବ୍ଲକ୍‌କୁ ଡଙ୍ଗା ଏକମାତ୍ର ଭରସା । ଆଗକୁ କୃଷ୍ଣପ୍ରସାଦ ବ୍ଲକ୍‌ରେ ପଣାଯାତ୍ରା ଅନୁଷ୍ଠିତ ହେବ । ଲକ୍ଷାଧିକ ଲୋକେ ଚିଲିକାରେ ଗୋଟିଏ ଘାଟରୁ ଅନ୍ୟ ଘାଟକୁ ପାରି ହେବେ ।

ପୂର୍ବରୁ ପଣାଯାତ୍ରା ବେଳେ ଭସାପୋଲ ମଝି ଚିଲିକାରେ ଯାତ୍ରୀଙ୍କ ସହିତ ରାତି ତମାମ ଅଟକି ରହିବା ସହ ଡଙ୍ଗା ଦୁର୍ଘଟଣା ଘଟିଥିବା ନଜିର ରହିଛି । ଗତ ପାଞ୍ଚ ବର୍ଷର ରେକର୍ଡକୁ ହିସାବକୁ ନେଲେ ପ୍ରତି ବର୍ଷ ମଝି ଚିଲିକାରେ ୧୫ରୁ ଅଧିକ ଥର ଡଙ୍ଗା ଦୁର୍ଘଟଣା ଘଟିଛି । ପ୍ରତିବର୍ଷ ୭ରୁ ଅଧିକ ଥର ଡଙ୍ଗା ଓଲଟିବା ଭଳି ଘଟଣା ମଧ୍ୟ ଦେଖିବାକୁ ମିଳିଛି । ଜୀବନକୁ ବାଜି ଲଗାଇ ଯାତ୍ରୀ ପରିବହନ ଚାଲିଛି । ଏହାରି ଭିତରେ ଭସାପୋଲ ମଝି ଚିଲିକାରେ ଅଟକିବା ଘଟଣା ଆଉ କାହାକୁ ଅଛପା ନାହିଁ । ଭସାପୋଲକୁ ଯାତ୍ରୀ ପରିବହନର ସୁରକ୍ଷିତ ମାଧ୍ୟମ ଭାବରେ ଗ୍ରହଣ କରାଯାଉଥିବା ବେଳେ ଏହା ମଧ୍ୟ ଦୁର୍ଘଟଣାର ଶିକାର ହେଉଛି । ବଡ଼କଥା ହେଉଛି ଚିଲିକାରେ ଯାତ୍ରୀ ପରିବହନ କରୁଥିବା ଅନେକ ଡଙ୍ଗା ବୀମା କରି ନଥିବା ବେଳେ ପଞ୍ଜୀକରଣ ହୋଇନାହିଁ । ଏଥିପ୍ରତି ନା ଡଙ୍ଗା ମାଲିକଙ୍କ ନିଘା ଅଛି ନା ଡଙ୍ଗା ଚାଳକଙ୍କର । ଡଙ୍ଗାଗୁଡ଼ିକର କାଗଜପତ୍ର ନିୟମିତ ଯାଞ୍ଚ ସହିତ ଯାତ୍ରୀଙ୍କ ସୁରକ୍ଷିତ ଜଳଯାତ୍ରା ପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।

ମିଳିଲାନି କିସ୍ତି ଟଙ୍କା: ଆମରଣ ଅନଶନ କରିବେ ଦିବ୍ୟାଙ୍ଗ ଜୟଦ୍ରଥ

ମୁଖୀଗୁଡା, ୧୩/୦୪ (ନି.ପ୍ର): ମୋ କୁଡ଼ିଆ ଯୋଜନାରେ ଘର ତିଆରି କରି କିସ୍ତି ଟଙ୍କା ପାଇବା ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ତ ହେବା ପରେ ମଧ୍ୟ କିସ୍ତି ଟଙ୍କା ନମିଳିବାରୁ ଶେଷରେ ଜୟଦ୍ରଥ ସାହୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ କରିବାକୁ ନିଷ୍ପତି ନେଇଛନ୍ତି ।

କଳାହାଣ୍ଡି ଜିଲ୍ଲା ଜୟପାଟଣା ପଂଚାୟତ ୧୦ ନମ୍ବର ୱାର୍ଡ ବାସିନ୍ଦା ଦିବ୍ୟାଙ୍ଗ ଜୟଦ୍ରଥ ସାହୁ ପଂଚାୟତ ସମିତି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୪୩ ତା ୧୧।୨।୨୦୧୪ ଅନୁଯାୟୀ ମୋକୁଡ଼ିଆ ଯୋଜନାରେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ତାଙ୍କୁ ପ୍ରଥମ କିସ୍ତି ବାବଦରେ ତିରିଶ ହଜାର ଟଙ୍କା ମିଳିଲା କିନ୍ତୁ ଘର ସମ୍ପୂର୍ଣ୍ଣ ହେବା ପରେ ଆଉ ଦ୍ୱିତୀୟ ଏବଂ ତୃତୀୟ କିସ୍ତି ଟଙ୍କା ମିଳିଲା ନାହିଁ । କିସ୍ତି ଟଙ୍କା ପାଇଁ ଜୟଦ୍ରଥ ଜୟପାଟଣା ବିଡ଼ିଓ, ବ୍ଲକ ଅଧକ୍ଷ, ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ । ଘର ତିଆରି କରିବା ପାଇଁ ଆଣିଥିବା ସିମେଂଟ ,ବାଲି, ମିସ୍ତ୍ରୀ, ମଜୁରିଆ ଙ୍କ ଟଙ୍କା ଦେଇପାରୁ ନାହାଁନ୍ତି । ଶେଷରେ ଜୟଦ୍ରଥ ସାତ ଦିନ ଭିତରେ ତାଙ୍କ କିସ୍ତି ଟଙ୍କା ନମିଳିଲେ ଜୟପାଟଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ସୋମବାର ଜୟପାଟଣା ବିଡ଼ିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏନେଇ ଜୟପାଟଣା ବିଡ଼ିଓଙ୍କ ପ୍ରତିକ୍ରିୟା ମିଳି ନାହିଁ ।

ଦୁର୍ଘଟଣାରେ ସଂସ୍କୃତ ଶିକ୍ଷକ ମୃତ

କେନ୍ଦ୍ରାପଡ଼ା, ୧୩/୦୪ (ନି.ପ୍ର): ଦୈତାରୀ- ପାରାଦ୍ୱିପ ଜାତୀୟ ରାଜପଥର ଗୋପଛକ ନିକଟ ଖମରପଡା ଛକରେ ଦ୍ରୁତଗାମୀ କାର ଧକ୍କାରେ ଶିକ୍ଷକଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ମୃତକଙ୍କ ନାମ ଶୁଭ୍ରଜିତ୍ ପଣ୍ଡା(୪୨) ଘର ସଦର ଥାନା ଅଧିକ କୁହୁଡି ଗ୍ରାମରେ । ସେ ସାନ୍ତସାହି ସ୍ଥିତ ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରରେ ଦୀର୍ଘଦିନ ହେବ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟକରି ଆସୁଥିଲେ । ଜଣେ ଉଚ୍ଚକୋଟୀର ଶିକ୍ଷକ ତଥା ଅମାୟିକ ବ୍ୟକ୍ତି ଭାବେ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ତାଙ୍କର ଯଥେଷ୍ଟ ସୁନାମ ଥିଲା । ଖବରପାଇ ତାଙ୍କୁ

ମହାବିଷୁବ ଓ ଓଡିଆ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ପହିର ଦୁଇ ମୁଣ୍ଡରେ ପାଣି ରଖାଯାଏ । ନିଆଁ ବା ଝାମୁରେ ଚାଲିଲାପରେ ଏହି ପାଣିରେ ଗୋଡ ଓଦା କରିବାକୁ ହୁଏ । ଖରାବେଳେ ଏହି ପାଟୁଆ ନାଚ ସହ ଝାମୁ ଚଲା ଦେଖିବା ପାଇଁ ଦେବୀ ପୀଠ ମାନଙ୍କରେ ଭିଡ ଲାଗିଥାଏ । ଏହି ପରମ୍ପରାକୁ ଝାମୁ ଯାତ୍ରା କୁହାଯାଏ। ଏହି ସମୟରେ ଦଣ୍ଡ ଯାତ୍ରା ମଧ୍ୟ ହୁଏ । ଦଣ୍ଡ ଯାତ୍ରା ମୀନସଂକ୍ରାନ୍ତିର ୯ ଦିନ ପରେ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତିରେ ଶେଷ ହୁଏ । ଏହା ଶିବ ପାର୍ବତୀ କାହାଣୀକୁ ନେଇ ରଚିତ । ଶିବକୃପା ପାଇବା ପାଇଁ ଦଣ୍ଡୁଆମାନେ ଦଣ୍ଡଯାତ୍ରାରେ ଦଣ୍ଡନୃତ୍ୟର ଆୟୋଜନ କରିଥାନ୍ତି । ଶେଷରେ ପଣାସଂକ୍ରାନ୍ତି ପୂର୍ବଦିନ ମେରୁ ଦିନ ଦଣ୍ଡଯାତ୍ରାର ସମାପ୍ତି କରିଥାନ୍ତି । ଏହିଦିନ ଦଣ୍ଡ ପାଟୁଆ ମାନେ ଶରୀରକୁ କଷ୍ଟ ଦେବାପାଇଁ ଦେହରେ କଂଟା ଫୋଡିଥାନ୍ତି ବା ନିଆଁରେ ଚାଲିଥାନ୍ତି । ଏପରି କରିବାକୁ ଲୋକେ ମେରୁଯାତ୍ରା ବା ଝାମୁ ଯାତ୍ରା କହନ୍ତି । ଗଞ୍ଜାମ, ନୟାଗଡ, ଦଶପଲ୍ଲା, ଖଣ୍ଡପଡା, ରଣପୁର ଅଂଚଳରେ ଦଣ୍ଡଯାତ୍ରା ଦେଖାଯାଏ । ଚୈତ୍ରମାସର ପ୍ରତ୍ୟେକ ମଙ୍ଗଳବାର କାକଟପୁର ମଙ୍ଗଳାଙ୍କ ଠାରେ ଝାମୁଯାତ୍ରା ହୋଇଥାଏ । ଅନେକ ଦେବୀ ପୀଠରେ ଝାମୁଯାତ୍ରା ହୋଇଥାଏ। ଏହି ଝାମୁ ଯାତ୍ରା ଅନେକ ପ୍ରକାରର ଯଥା ଅଗ୍ନି ଝାମୁ, ହାଣ୍ଡୋଳ ଝାମୁ, କର୍ତାଝାମୁ ଓ ପାଟକଂଟା ଝାମୁ। ହାଣ୍ଡୋଳ ଝାମୁରେ ଦୁଇଟି ଖୁଂଟ ପୋତି ଏହା ଉପରେ ଏକ କାଠ ସିଧା ଭାବରେ ପକାଇ ଦିଆଯାଏ । ଏହି କାଠରେ ଦଣ୍ଡୁଆମାନେ ତଳେ ଜଳୁଥିବା ନିଆଁକୁ ମୁହଁ କରି ଝୁଲି ରହିଥାନ୍ତି । ଏହି ଝୁଲି ରହିବା ବେଳେ ନିଆଁରେ ଝୁଣା ମରାଯାଏ । ଅଗ୍ନି ଝାମୁରେ ୧୩ ହାତରୁ ୨୧ ହାତ ପର୍ଯ୍ୟନ୍ତ ଦୁଇ ଆଙ୍ଗୁଳି ଗଭୀରତାର ମାଟି ଖୋଳାଯାଇ ସେଥିରେ ଅଙ୍ଗାର ନିଆଁ ଜଳୁଥାଏ ଏହାର ଦୁଇ ପାର୍ଶ୍ୱରେ ଗାଡ ଖୋଳାଯାଇ ଖିର ଭର୍ତି କରାଯାଏ । ପାଟ ଦଣ୍ଡୁଆ ମାନେ ରଡ ନିଆଁରେ ଚାଲି ଖିର ଭର୍ତି ଗାଡରେ ଗୋଡ ଧୋଇ ଭକ୍ତଙ୍କୁ ଧରି ନିଆଁରେ ଚାଲିବା ପରେ ଅନ୍ୟ ଦଣ୍ଡୁଆ ମାନେ ଚାଲନ୍ତି । କର୍ତାଝାମୁ ବା ପାଟକଂଟା ଝାମୁରେ ଦଣ୍ଡୁଆମାନେ କଂଟା ଗଦାରେ ପଡିବା ସହ ଲୁହାକଂଟାକୁ ପିଠି ଅଂଟା ବା କେହି କେହି ପାଟିରେ ଭର୍ତିକରି ଏକ ଖୁଂଟରେ ଝୁଲିଥାନ୍ତି । ପଞ୍ଜାବ, ହରିୟାଣାରେ ଏହିଦିନ ପାଳନ କରନ୍ତି ବୈଶାଖି, ଆସାମରେ ବେହାଗ ବିହୁ, ବଙ୍ଗରେ ପୋହେଲା ବୈଶାଖ, ତାମିଲରେ ପୁଥାଣ୍ଡୁ ଏବଂ କେରଳର ଭିଷୁ କହିଥାନ୍ତି । ଆଉ କେତେକ ସ୍ଥାନରେ, ଏହାକୁ ଜଳ ସଂକ୍ରାନ୍ତି କହନ୍ତି । ମାତ୍ର ଓଡିଶାର ସଂସ୍କୃତି ଓ ପରମ୍ପରା ରେ ଏହାକୁ ମହାବିଷୁବ ସଂକ୍ରାନ୍ତି, ପଣା ସଂକ୍ରାନ୍ତ ନାମରେ ଅଭିହିତ କରାଯାଇଛି । ଏହିଦିନ ଓଡିଆ ନବବର୍ଷ ପାଳନ ସହ ନୂତନ ପାଞ୍ଜିର ପ୍ରଚଳନ କରାଯାଇଥାଏ । ଓଡିଶାରେ ଏହିଦିନ ପାଳନର ଏକ ସ୍ୱତନ୍ତ୍ର ମହତ୍ୱ ରହିଛି ।

ଭୁବନେଶ୍ୱର, ମୋ:୭୯୭୮୧୧୦୪୭୪

ଭଁରେଶ୍ୱର ଠାରେ ବିଜେପି ଓବିସି ମୋର୍ଚ୍ଚାର ଗାଁକୁ ଚାଲ କାର୍ଯ୍ୟକ୍ରମ

ଲଙ୍ଗଳେଶ୍ୱର, ୧୩/୪ (ନିପ୍ର) ପଛୁଆବର୍ଗ ର ସାନ୍ନିଧାନିକ ଅଧିକାର କୁ ପାଥେଓ କରି ବିଜେପି ର ଗାଁ ଗାଁ ଘର ଘର ଚାଲ ନାରା , ସୁଶାସନ ସାମାଜିକ ନ୍ୟାୟ, ସେବା ପାଳନ ଦିବସରେ ଜ୍ୟୋତିରାୟ ଫୁଲେ ଙ୍କ ଜନ୍ମଦିନ ଭାରତରେ ସବୁଆଡେ ପାଳିତ ହେଉଛି । ସେ ୧୮୧୭ ମସିହା ଏପ୍ରିଲ ୧୧ ତାରିଖ ରେ ଜନ୍ମ ଗ୍ରହଣ କରିଥିଲେ । ଡକ୍ଟର ଆମ୍ବେଦକର ଙ୍କ ପୂର୍ବରୁ ଫୁଲେ ଦଳିତ ବର୍ଗ ମାନଙ୍କ ପାଇଁ ଚିନ୍ତା କରୁଥିଲେ । ସେ ଶିକ୍ଷାରୁ ବଞ୍ଚିତ ହୋଇଥିଲେ। ଭରତ ରେ ସମୁଦାୟ ୫୪ ଶତକଡା ପଛୁଆବର୍ଗ ଲୋକ ବସବାସ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ୨୭ ଶତକଡା ପଛୁଆବର୍ଗ ପାଇଁ ସଂରକ୍ଷଣ ଦେଇଥିବା ବେଳେ ଓଡିଶା ବିଜେଡି ସରକାର ରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୪ ବର୍ଷ ଶାସନ କାଳରେ ପଛୁଆବର୍ଗକୁ ପଛରେ ପକାଇ ରଖିଛନ୍ତି । ଫୁଲେ ସୁବର୍ଣ୍ଣାଙ୍କ ପାଖରେ ରହି ପାଠ ପଢୁଥିଲେ। ଯେହେତୁ ସୁବର୍ଣ୍ଣା ଜଣେ ଝିଅ ଥିଲେ ତେଣୁ ଝିଅ ମାନଙ୍କୁ ନେଇ ଏକ ଶିକ୍ଷା ଅନୁଷ୍ଠାନ ଗଠନ କରିଥିଲେ । ସେ ଛୁଆ ଅଛୁଆଁ ଭେଦ ଭାବ ପାଇଁ ସମାଜରୁ ବାଛନ୍ଦ ହୋଇଥିଲେ, ସେ ପାଠ ପଢ଼ିବାକୁ ଇଚ୍ଛା କରୁଥିଲେ କିନ୍ତୁ ପଢିବା ପାଇଁ ସକ୍ଷମ ନଥିଲେ କ୍ଷ ଏହି ଜନ୍ମ ଜୟନ୍ତୀ ଦିବସରେ ବାଲେଶ୍ୱର ଜିଲ୍ଲା ପଛୁଆବର୍ଗ ର ସଭାପତି ଅରବିନ୍ଦ ବେହେରାଙ୍କ ଆହ୍ୱାନ କ୍ରମେ ଲଙ୍ଗଳେଶ୍ୱର ମଣ୍ଡଳ ବଣିଆଡିହା ପଞ୍ଚାୟତ ଭଁରେଶ୍ୱରରେ ମହାତ୍ମା ଫୁଲେଙ୍କ ଜନ୍ମ ଜୟନ୍ତୀ ସଭାରେ ବଣିଆଡିହା ପଞ୍ଚାୟତ ପ୍ରମୋଖ ଚିତ୍ତରଞ୍ଜନ ଜେନା ଙ୍କ ସଭାପତିତ୍ୱ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ବସ୍ତା ର ନେତା ରଘୁନାଥ ମହାନ୍ତି, ଜିଲ୍ଲା ଉପ ସଭାପତି ତଥା ବସ୍ତା ବ୍ଲକ ସାଂସଦ ପ୍ରତିନିଧି ପ୍ରଦୀପ ପଣ୍ଡା, ବାଲିଆପାଳ ବ୍ଲକ ସାଂସଦ ପ୍ରତିନିଧି ମହେଶ୍ୱର ଜେନା, ଜିଲ୍ଲା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଗୌରବ ଅଣ୍ଡିଆ, ଖପରାପଦା ମଣ୍ଡଳ ସଭାପତି ଲକ୍ଷ୍ମୀଧର ପ୍ରଧାନ, ସାଧାରଣ ସମ୍ପାଦକ ଅଜୟ ଜେନା, ଖପରାପଦା ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି ପ୍ରଫୁଲ୍ଲ ପାତ୍ର,ସୁବାସ ଚନ୍ଦ୍ର ବେହେରା, ବାଲିଆପାଳ ମଣ୍ଡଳ ସଭାପତି କମଳ ଲୋଚନ ଦତ୍ତ, ପୂର୍ବତନ ବୋଳଂ ସରପଞ୍ଚ ଜଗବନ୍ଧୁ ମଲ୍ଲିକ, ପୂର୍ବତନ ମଣ୍ଡଳ ସଭାପତି ଶ୍ରୀକୃଷ୍ଣ ପାତ୍ରଙ୍କ ସହିତ ବହୁ କାର୍ଯ୍ୟକର୍ତ୍ତା, ମହିଳା କର୍ମୀ ଙ୍କ ଉପସ୍ଥିତି ରେ ଫୁଲେଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି କ୍ଷଯୁବନେତା ମାନସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଚିନ୍ମୟ ବେହେରା, ସାଧବ ମଲ୍ଲିକ, ବାଞ୍ଛାନିଧି ପାତ୍ର, ପ୍ରମୁଖ ପରିଚାଳନା କରିଥିଲେ ।

ଅଷ୍ଟମ ବୈଶାଖୀ ମହୋତ୍ସବ ଉଦ୍‌ଘାଟିତ

ବାଲେଶ୍ୱର, ୧୩/୦୪ (ନି.ପ୍ର): ସହର ଉପକଣ୍ଠ ଈଶାଣୀର ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟାଡିୟମ୍‌ରେ ବୈଶାଖୀ ମହୋତ୍ସବର ଅଷ୍ଟମ ସଂସ୍କରଣ ମହୋତ୍ସବ କମିଟିର ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ତଥା କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବଙ୍କ ସଂଚାଳନାରେ ଉଦ୍‌ଘାଟକ ଭାବେ ଜିଲ୍ଲାପାଳ ଦ ।ତ୍ରେୟ ଭାଓସାହେବ ସିନ୍ଧେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ କବି ପ୍ରଶାନ୍ତ ଦାସ ଯୋଗଦେଇ ଏଭଳି ମହୋତ୍ସବ ଗ୍ରାମା ଳ ଲୋକମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସଂପାଦକ ଭାଗବତ ସାହୁ ଆନୁଷ୍ଠାନିକ ବିବରଣୀ ପାଠ କରିଥିବାବେଳେ ଉପସଭାପତି ସନାତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୁରୀର ଗୋଟିପୁଅ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। "ଆମେ ଭାରତପରି ଏକ ସର୍ବୋତ୍କୃଷ୍ଟ ସଂସ୍କୃତିସଂପନ୍ନ ରାଷ୍ଟ୍ରରେ ଜନ୍ମ ନେଇଥିବାରୁ ନିଜକୁ ଭାଗ୍ୟବାନ ମନେକରୁ। ତା'ଠୁ ଆହୁରି ଆମ୍ଭେମାନେ ଓଡ଼ିଶା ପରି ରାଜ୍ୟରେ ଏବଂ ସର୍ବୋପରି ବ୍ୟାସକବି ଫକୀରମୋହନଙ୍କ ଜନ୍ମମାଟିରେ ଜନ୍ମ ନେଇଥିବାରୁ ଗର୍ବିତ। ଏହି ମାଟିରେ ହିଁ କେବଳ ସଂହତିର ସ୍ୱପ୍ନ ଦେଖି ଗ୍ରାମା ଳରେ ମୈତ୍ରୀ ସୃଷ୍ଟି କରାଯାଇପାରେ" ବୋଲି ବୈଶାଖୀ ମହୋତ୍ସବର ଅଷ୍ଟମ ସଂସ୍କରଣ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ଉପସ୍ଥିତ ରହି ସମାଜସେବୀ 'ରେବତୀ'ର ସଂପାଦିକା ଶ୍ରୀମତୀ ସୁବାସିନୀ ଜେନା ନିଜ ଉକ୍ତି ରଖିଥିଲେ। ଏହି ଦ୍ୱିତୀୟ ସନ୍ଧ୍ୟାର ନାରୀମାନଙ୍କୁ ଉତ୍ସର୍ଗିତ ମଂଚକୁ ବୈଶାଖୀ ମହୋତ୍ସବର ଉପସଭାନେତ୍ରୀ ସାରିକା କର ଅଧ୍ୟକ୍ଷତାଚ୍ରରିଥିଲେ। ମୁଖ୍ୟବକ୍ତା ଭାବରେ ବାଲେଶ୍ୱରର ପୌରାଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ ଉତ୍ସବର ସଦସ୍ୟମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନୀୟା ଅତିଥି ଭାବରେ ବାଲେଶ୍ୱର ସଦର ବ୍ଲକ୍‌ର ଅଧ୍ୟକ୍ଷା ସୁନୀତା ବେହେରା, ଜିଲ୍ଲା ପରିଷଦ ୨୬ ନଂ ଜୋନ୍‌ର ସଦସ୍ୟା ସୋନାଲି ବିଶ୍ୱାଳ, କନକ ନିଉଜ୍ ଚ୍ୟାନେଲ୍‌ର ଜିଲ୍ଲା ପ୍ରତିନିଧି ସୁମନା ପରିଡ଼ା ପ୍ରମୁଖ ନାରୀମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ ମଂଚ ପାଇଁ ନିଜନିଜର ଆନନ୍ଦ ପ୍ରକଟ କରିଥିବାବେଳେ ବୈଶାଖୀ ମହୋତ୍ସବର କର୍ମକ ାଙ୍କୁ ସାଧୁବାଦ ଜଣାଇଥିଲେ। ବରିଷ୍ଠ ସଦସ୍ୟା ମମତା ଦାସ ଅତିଥିମାନଙ୍କୁ କୃତଜ୍ଞତା ଜଣାଇଥିଲେ।

ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ବାପ ଛେଉଣ୍ଡ ଛାତ୍ର 'ଅବିନାଶ'

ଉଦଳା, ୧୩/୦୪ (ନି.ପ୍ର): କପ୍ତିପଦା ବ୍ଲକର କୋଳିଅଳମ ପଂଚାୟତ ଅନ୍ତର୍ଗତ କଲୋନି ସାହିର ବାସିନ୍ଦା ସୁନାରାମ ସିଂଙ୍କର ଆଜକୁ ୩ ବର୍ଷ ତଳେ ଦେହାନ୍ତ ହୋଇ ଯାଇଛି । ଫଳରେ ତାଙ୍କର ସହ ଧର୍ମିଣୀ ଚାନ୍ଦିନୀ ଦିନ ମଜୁରିଆ ଭାବରେ କାମ କରି ପରିବାରର ଗୁଜୁରାଣ ମେଟାଂଉଛନ୍ତି । ପରିବାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ବେଳେ ବାଧ ହୋଇ ତାଙ୍କର ୧୩ ବର୍ଷ ବୟସର ପୁତ୍ର 'ଅବିନାଶ' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଛନ୍ତି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ ଅବିନାଶଙ୍କ ଭଳି ବାପ ଛେଉଣ୍ଡ ପିଲା ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ଯୋଗୁଁ ବାଧ ହୋଇ ପାଠ ପଢ଼ା ଛାଡ଼ି ଦେଇଛନ୍ତି । ସେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବାର ଜଣାଇଛନ୍ତି ।

ସରିଲା ପଞ୍ଚରାତ୍ର : ଗାଁ ଗାଁରେ ଚାଲିଛି ମାଆଙ୍କ ପୂଜା ଓ ସଂକୀର୍ତ୍ତନ

ବାରିପଦା, ୧୩/୦୪ (ନି.ପ୍ର): ସାରସକଣା-ପିଏନଏସ-ପବିତ୍ର ଚୈତ୍ର ମାସ ଅବସରରେ ସାରସକଣା ବ୍ଲକର ପ୍ରାୟତଃ ପଞ୍ଚାୟତ ଗ୍ରାମ ମାନଙ୍କରେ ମଙ୍ଗଳବାର ଓ ଶନିବାରରେ ମାଆ ମଙ୍ଗଳା,ମାଆ ଶିତଳାଙ୍କ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଝାରପୋଖରିଆ, ରାଜାଲୋକା, ଜାମୁବଣୀ, ବାଉଁଶଦା, ମୁରୁଣିଆ, ନେଦା, ସାରସକଣା, ଯୋକା, ପାକଟିଆ ଭଳି ଗ୍ରାମ ମାନଙ୍କରେ ଅଷ୍ଟମ ପ୍ରହର, ଷୋହଳ ପ୍ରହର ହରିନାମ ସଂକୀର୍ତ୍ତନ ଚାଲୁ ରହିଥିବା ଦେଖିବାକୁ ମିଳୁଛି । ସେହିପରି ଝାରପୋଖରିଆ ପଞ୍ଚାୟତ ବାଲିଆସାହି ଛକ ନିକଟରେ ସୀମାନ୍ତ ଯୁଥ ମିଶନ ପକ୍ଷରୁ ସପ୍ତମ ବାର୍ଷିକୀ ପଞ୍ଚରାତ୍ର ଅଖଣ୍ଡ ହରିନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନର କଳସ ଯାତ୍ରାରୁ ଶୁଭାରମ୍ଭ ହୋଇଥିବା ପଞ୍ଚରାତ୍ର ଅବସରରେ ଆୟୁର୍ବେଦିକ ଓ ଆଲୋପ୍ୟାଥିକର ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇ ଶହଶହ ଲୋକଙ୍କୁ ପରୀକ୍ଷା,ନିରୀକ୍ଷା ପୂର୍ବକ ଚିକିତ୍ସା ସହିତ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ଏହି ଅବସରରେ ମୟୁରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଉପସ୍ଥିତ ସନ୍ଧ୍ୟାରେ ବ୍ଲକର ସାନ ଚାଟରା ଗ୍ରାମ ନିବାସୀ ବିନୋଦ ଚନ୍ଦ୍ର ମହାପାତ୍ରଙ୍କ ଏକାନ୍ନ ପରିବାରକୁ କମିଟି ତରଫରୁ ଉତ୍ତୋରୀୟ, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରି ଉତ୍ସାହିତ କରାଯାଇଥିଲା ବେଳେ ପ୍ରତ୍ୟେକ ଦିନ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ନେତୃମଣ୍ଡଳୀ ଉପସ୍ଥିତ ହୋଇ କୃପାଲାଭ କରିବା ସହିତ ସହଯୋଗ ଅର୍ଘ୍ୟ ପ୍ରଦାନ କରିଥିଲେ । ସେହିପରି ସ୍ୱର୍ଗବାସ ହୋଇ ଯାଇଥିବା କମିଟିର ପ୍ରାକ୍ତନ ସଦସ୍ୟ ସହଦେବ ପରିଡା,ଚୈତନ୍ୟ ଦତ୍ତ, ଲାକ୍ଷ୍ମୀକାନ୍ତ ପ୍ରହରାଜ, ପ୍ରଫୁଲ୍ଲ ମହାନ୍ତ, ଶିବ କୁମାର ରଣା,ଭୁବନେଶ୍ୱର ମହାନ୍ତ, ମହେଶ୍ୱର ମହାନ୍ତ, ଗିରିସ ଚନ୍ଦ୍ର ମହାନ୍ତ ଓ ପ୍ରତାପ ଗିରୀଙ୍କର ସମାଜ ପାଇଁ ବିଶେଷ ଅବଦାନ ତଥା ଭଲ ପାଇବାକୁ ନେଇ ମହାନଆତ୍ମାଙ୍କ ଫୋଟ ଚିତ୍ରରେ ଉପସ୍ଥିତ ମାନେ ପୁଷ୍ପଧୂପ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ମାନେ କମିଟି ତରଫରୁ ବଣ୍ଟନ ହେଉଥିବା ଅନ୍ନ ପ୍ରସାଦ ସେବନ କରି ଆତ୍ମୋ ସନ୍ତୋଷ ଲାଭ କରିଥିଲେ । କମିଟିର ସଭାପତି କାହ୍ନୁଚରଣ ଦାସ, ସମ୍ପାଦକ ଭଗିରଥ ପ୍ରହରାଜଙ୍କ ସହିତ କମିଟିର ସମସ୍ତ ସଦସ୍ୟ ମାନଙ୍କର ପୂର୍ଣ୍ଣ ସହଯୋଗରେ ପଞ୍ଚରାତ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।

ମିଶନ ଶକ୍ତି ଜରିଆରେ ଚମାର ଗାଁ ପଂଚାୟତରେ ଗାଈ କିଣାରେ ଘୋଟାଲା : ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ

ଜଳେଶ୍ୱର ୧୩/୪(ନି.ପ୍ର) : ଜଳେଶ୍ୱର ବ୍ଲକର କେତେକ ପଂଚାୟତରେ ମିଶନ ଶକ୍ତି ଜରିଆରେ ଦୁଧିଆଳି ଗାଈ ପ୍ରଦାନ ହୋଇଛି । କିନ୍ତୁ ଏଥିରେ ବ୍ୟାପକ ଘୋଟାଲା ହୋଇଥିବାରୁ ବିଜେପି ପକ୍ଷରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି । ଘଟଣାରୁ ପ୍ରକାଶ, ଗ୍ରାମାଂଚଳର ଗରିବ ଲୋକଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ଲାଗି ମିଶନ ଶକ୍ତି ଜରିଆରେ ଗାଈ ପ୍ରଦାନ କରାଯାଇଛି । ଦୁଧିଆଳି ଗାଈ ଠାରୁ ଅଧିକ କ୍ଷୀର ଉତ୍ପାଦନ କରି ସ୍ୱାବଲମ୍ବି ହେବା ଯୋଜନାର ଲକ୍ଷ୍ୟ। ତେଣୁ ଗରିବ ମହିଳାଙ୍କୁ ଗାଈ ଯୋଗାଇବାଲାଗି ବ୍ୟବସ୍ଥା ହୋଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗରିବ ମହିଳାଙ୍କୁ ଯୋଗାଇ ଦିଆଯାଇଥିବା ଗାଈ ଅଧିକ କ୍ଷୀର ପ୍ରଦାନ କରୁନାହିଁ । କେତେକ ଗାଈ ୧ ଲିଟର କ୍ଷୀର ଦେଉଥିବା ବେଳେ କେତେକଙ୍କ ରଗ୍ଣ ବାଛୁରୀ ମରିଗଲାଣି। ରୁଗ୍ଣ ଗାଈ ମିଳିଥିବାରୁ ସଦସ୍ୟ ମାନେ କ୍ଷୋଭ ପ୍ରକାଶ କଲେଣି । ଗରିବ ମହିଳାଙ୍କୁ ଠକେଇ ଦିଆଯାଇଥବାରୁ ଏକ ବ୍ୟାପକ ଘୋଟାଲା ହୋଇଥିବାରୁ ସଂଗୀନ ଅଭିଯୋଗ ହୋଇଛି । ଏ ସଂପର୍କରେ ଚମାର ଗାଁ ପଂଚାୟତର ଅର୍ଣ୍ଣପୂର୍ଣ୍ଣା ଘୋଷ, ସଂଧ୍ୟାରାଣୀ ଦିନ୍ଦା, ରୀନାରାଣୀ ଘୋଷ, ରିତାରାଣୀ ଘୋଷ, ସରସ୍ୱତି ଘୋଷ, ଚମ୍ପାବତୀ ଘୋଷ ପ୍ରମୁଖ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅନ୍ୟପକ୍ଷରେ ଘଟଣାର ତଦନ୍ତ କରାଯାଇ ସଂପୃକ୍ତ ଅଭିଯୁକ୍ତ ମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ କରିବାକୁ ବିଜେପି ପକ୍ଷରୁ ଦିବ୍ୟକାମ ମହାନ୍ତି, ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ ପ୍ରମୁଖ ଲିଖିତ ଭାବେ ଜିଲା ପ୍ରକଳ୍ପ ଅଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ସତର୍କ ବଳୟରେ....

ଶାନ୍ତି ବଜାୟ ରଖିବା ପାଇଁ ସମ୍ବଲପୁରବାସୀଙ୍କୁ ଅନୁରୋଧ କରିବା ସହ ପରିସ୍ଥିତି ପାଇଁ ପ୍ରଶାସନିକ ଅପରାଗତାକୁ ଦାୟୀ କରିଛନ୍ତି । ଅନ୍ୟପଟେ ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି ସ୍ପର୍ଶକାତର ଘଟଣାରେ ରାଜନୀତି କରିବାକୁ ପଛାଉ ନାହିଁ ବିଜେପି । ସମ୍ବଲପୁରର ପରିସ୍ଥିତି ଉପରେ ସତର୍କ ନଜର ରଖିଛି ପୁଲିସ । ରାଉରକେଲାରୁ ରାପିଡ ଆକ୍ସନ ଫୋର୍ସ ମଗାଯାଇଛି । ଏପଟେ ଜୟପୁରରେ ଆଜିଠାରୁ ୧୪୪ ଧାରା ଜାରି କରିଛନ୍ତି ଜୟପୁର ଉପ-ଜିଲ୍ଲାପାଳ । ଏପ୍ରିଲ ୨୦ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୩ଟାରୁ ସକାଳ ୯ଟା ଯାଏଁ ୧୪୪ ଧାରା ଜାରି ରହିବ । ଏହି ସମୟରେ ୨ ଜଣରୁ ଅଧିକ ଲୋକ ଏକାଠି ହେବାକୁ ବାରଣ କରାଯାଇଛି ।

ବେଦାନ୍ତକୁ ନେଇ ତେଜିଲା....

ସ୍ୱାକ୍ଷର ହେବା ପରଠାରୁ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ଆନ୍ଦୋଳନ କରିଥିଲେ ଲୋକେ । ଏବେ ବିଶ୍ୱବିଦ୍ୟାଳୟ ନିର୍ମାଣ ଉପରେ ପୂର୍ଣ୍ଣଚ୍ଛେଦ ପଡିବା ପରେ ଲୋକଙ୍କୁ ମାଲିକାନା ସତ୍ୱ ଫେରାଇବା ପାଇଁ ଦାବି ଜୋର ଧରିଛି । ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ହୋଇଥିଲେ ଏହା ଜଗନ୍ନାଥ ସଂସ୍କୃତି ଉପରେ ଓ ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ଉପରେ ଖରାପ ପ୍ରଭାବ ପକାଇଥାନ୍ତା ବୋଲି ଅଭିଯୋଗ ହୋଇଥିଲା । ସୁପ୍ରିମକୋର୍ଟଙ୍କ ରାୟ ପରେ ଏବେ ବିଶ୍ୱବିଦ୍ୟାଳୟ ନିର୍ମାଣ ବାଟ ବନ୍ଦ ହୋଇଯାଇଛି । କିନ୍ତୁ ଅଧଗ୍ରହଣ ହୋଇଥିବା ଜମିକୁ ନେଇ ସରକାର କଣ କରୁଛନ୍ତି ତା ଉପରେ ସମସ୍ତଙ୍କ ନଜର ରହିଛି ।

ଆଉ ନିର୍ବାଚନ ଲଢ଼ିବେନି....

ଭିତରେ ବିବାଦ ହ

ଶୁକ୍ରବାର, ଏପ୍ରିଲ ୧୪, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଓଡିଆ ନବବର୍ଷର ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନୂଆବର୍ଷ ଉପଲକ୍ଷେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ପ୍ରୀତିଭରା ଅଭିନନ୍ଦନ। ଏହା ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ, ଏହି ଅବସରରେ ଆମେ ନିଜକୁ ଓଡିଆ ବୋଲି ଗର୍ବ କରିବା ଓ ଓଡିଶାର ସୁଖ, ସମୃଦ୍ଧି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ।

ଡ଼. ତପନ କୁମାର ବେହେରା
ଅଧକ୍ଷ, ନୀଳମଣି ମହାବିଦ୍ୟାଳୟ, ରୂପ୍ସା, ବାଲେଶ୍ୱର

ଓଡିଆ ନବବର୍ଷର ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ଉପଲକ୍ଷେ ସମସ୍ତ ଭାଇଭଉଣୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ସ୍ନେହଭରା ଅଭିନନ୍ଦନ । ଏହି ନୂଆବର୍ଷ ସମସ୍ତଙ୍କ ଜୀବନରେ ନୂଆ ଆଶା ଭରିଦେଉ, ଏହାହିଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଇଂ. ହୃଷିକେଶ ସାହୁ
ଲେଖକ ଓ ସମାଜସେବୀ
ବାଲେଶ୍ୱର

ଓଡିଆ ନବବର୍ଷର ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନୂଆବର୍ଷ ଉପଲକ୍ଷେ ସମସ୍ତଙ୍କୁ ମୋର ଆନ୍ତରିଭରା ଶୁଭେଚ୍ଛା। ଆସନ୍ତୁ ସବୁ ଭେଦଭାବ ଭୁଲି ସମସ୍ତଙ୍କର ବିକାଶ ପାଇଁ ଶପଥ ନେବା ସହିତ ଏକ ସମୃଦ୍ଧ ଓ ସଚେତନଶୀଳ ରାଜ୍ୟ ଗଠନ କରିବା ପାଇଁ ସାମୂହିକ ଉଦ୍ୟମ ଜାରି ରଖିବା।

ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ
ସଭାପତି, ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର

ଓଡିଆ ନବବର୍ଷର ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ସମସ୍ତଙ୍କ ଜୀବନରେ ନୂଆ ଆଶାର ସଂଚାର କରୁ । ଏଇ ଅବସରରେ ସବୁ ଓଡିଆ ଭାଇଭଉଣୀମାନଙ୍କୁ ମୋର ସ୍ନେହଭରା ଅଭିନନ୍ଦନ । ଆସନ୍ତୁ, ସମସ୍ତେ ମିଶି ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ।

ପ୍ରଣୀତା ମିଶ୍ର
ସମାଜସେବୀ, ବାଲିଆ, ବାଲେଶ୍ୱର

ଓଡିଆ ନବବର୍ଷର ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନୂଆବର୍ଷର ଶୁଭ ଅବସରରେ ସମସ୍ତ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ନୂଆବର୍ଷସମସ୍ତଙ୍କ ପାଇଁ ଆଣିଦେଉ ଖୁସି ଓ ପୁଲକ, ଏତିକି ମାତ୍ର ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।

ହରିହର ବେହେରା
ଚେୟାରମ୍ୟାନ୍ କ୍ଲବ ମେମ୍ବର, ଜୀବନବୀମା ନିଗମ, ବାଲେଶ୍ୱର ଶାଖା, ବାଲେଶ୍ୱର

ଓଡିଆ ନବବର୍ଷର ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନୂଆବର୍ଷ ଉପଲକ୍ଷେ ସମସ୍ତ ଭାଇଭଉଣୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ଏହି ନୂଆବର୍ଷ ସମସ୍ତଙ୍କ ପାଇଁ ଆଶା ଓ ଆକାଂକ୍ଷାର ବର୍ଷ ହେଉ, ସମସ୍ତଙ୍କୁ ସୁସ୍ଥ ଓ ନିରାମୟ ରଖୁ, ଏତିକି ମାତ୍ର ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ପୀତାମ୍ବର ଦାସ
ବିଶିଷ୍ଟ ଶିଶୁ ସାହିତ୍ୟିକ, ବାଲେଶ୍ୱର

ଓଡିଆ ନବ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ସମସ୍ତଙ୍କ ଜୀବନରେ ନୂଆ ଆଶା ସଂଚାର କରୁ । ଏଇ ଶୁଭ ଅବସରରେ ସବୁ ଓଡିଆ ଭାଇଭଉଣୀମାନଙ୍କୁ ମୋର ସ୍ନେହଭରା ଅଭିନନ୍ଦନ । ଆସନ୍ତୁ, ସମସ୍ତେ ମିଶି ଓଡିଆ ଭାଷା ଓ ସଂସ୍କୃତିକୁ ସମୃଦ୍ଧ କରିବା ।

ଇଂ. ଅଶ୍ୱିନୀ କୁମାର ଦଣ୍ଡପାଟ
ଅଧୀକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ବାରିପଦା

ଓଡିଆ ନବବର୍ଷର ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନୂଆବର୍ଷ ଉପଲକ୍ଷେ ମୟୂରଭଂଜ ଜିଲ୍ଲାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ପ୍ରୀତିଭରା ଅଭିନନ୍ଦନ। ଏହି ନୂଆବର୍ଷ ସମସ୍ତଙ୍କ ଜୀବନକୁ ସୁଖ, ଶାନ୍ତି ଆନନ୍ଦର ଫଙ୍କୁ ନେଇ ଆସୁ ଓ ସମସ୍ତଙ୍କ ଚଳାପଥ କୁସୁମିତ ହେଉ, ଏହାହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ପ୍ରମିଳା ପଣ୍ଡା
ନଗରପାଳ, ବିଜ୍ଞାପିତ ଅଂଚଳ ପରିଷଦ, ଉଦଳା

ଓଡିଆ ନବବର୍ଷର ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନୂଆବର୍ଷ ସମସ୍ତଙ୍କ ଜୀବନରେ ସୁଖ ଓ ଶାନ୍ତି ଆଣିଦେଉ, ସମସ୍ତଙ୍କ ଜୀବନକୁ ସରସ ସୁନ୍ଦର କର, ସମସ୍ତଙ୍କ ଚଳାପଥ ପୁଷ୍ପିତ କରୁ, ଏତିକି ହିଁ ଭଗବାନଙ୍କ ନିକଟରେ ମୋର ପ୍ରାର୍ଥନା ଓ ସମସ୍ତଙ୍କ ପାଇଁ ଶୁଭକାମନା ।

ସୁଧାସିନ୍ଧୁ ପଣ୍ଡା
ବିଶିଷ୍ଟ ଶିଳ୍ପପତି ଓ ସମାଜସେବୀ, ବାଲେଶ୍ୱର

ଓଡିଆ ନବବର୍ଷର ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନୂଆବର୍ଷ ଉପଲକ୍ଷେ ସମସ୍ତ ଭାଇଭଉଣୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ଏ ନବବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଓ ଓଡିଆ ଭାଷା ସାହିତ୍ୟର ବିକାଶ ଲାଗି ପ୍ରେରଣାର ଉତ୍ସ ହେଉ, ହେଉ ଏତିକି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଡା. କୁମାର ଗୋପାଲ
ପୂର୍ବତନ ସଂପାଦକ:
ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର

ଓଡିଆ ନବବର୍ଷର ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନୂଆବର୍ଷ ସମସ୍ତଙ୍କ ଜୀବନକୁ ସରସ ସୁନ୍ଦର କରୁ, ସମସ୍ତଙ୍କ ଚଳାପଥ ପୁଷ୍ପିତ କରୁ, ସମସ୍ତଙ୍କ ଦୁଃଖ କଷ୍ଟକୁ ଲାଘବ କରୁ, ଏତିକି ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଡ. ଅରବିନ୍ଦ ଗିରି
ବରିଷ୍ଠ ଗବେଷକ ଓ ସାହିତ୍ୟିକ ସମାଲୋଚକ, ବାଲେଶ୍ୱର

ଓଡିଆ ନବବର୍ଷର ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନୂଆବର୍ଷ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଓ ଶ୍ରଦ୍ଧାଭରା ଶୁଭେଚ୍ଛା। ଏହି ବର୍ଷ ସମସ୍ତଙ୍କ ଜୀବନକୁ ଉଜ୍ଜ୍ୱଳମୟ କରୁ, ଶାନ୍ତି ଓ ପ୍ରଗତି ଆଣିଦେଉ। ଆସନ୍ତୁ ସମସ୍ତେ ଓଡିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ସଂକଳ୍ପବଦ୍ଧ ହେବା ।

ପ୍ରଭାତ କୁମାର ଆଚାର୍ଯ୍ୟ
ବରିଷ୍ଠ ସାହିତ୍ୟିକ, ରୂପ୍ସା, ବାଲେଶ୍ୱର

ଓଡିଆ ନବବର୍ଷର ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନୂଆବର୍ଷ ଉପଲକ୍ଷେ ଓଡିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ଅବସରରେ ଆସନ୍ତୁ ସବୁ ଭେଦଭାବ ଭୁଲି ସମସ୍ତଙ୍କର ବିକାଶ ପାଇଁ ଶପଥ ନେବା ସଙ୍ଗେ ସଙ୍ଗେ ଏକ ସମୃଦ୍ଧ ଓ ସଚେତନଶୀଳ ସମାଜ ଗଠନ କରିବା ପାଇଁ ସାମୂହିକ ଉଦ୍ୟମ ଜାରି ରଖିବା।

ମିନତୀ ରାଣୀ ବେହେରା
ଅଧକ୍ଷା, ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟ, ଆଙ୍କ, ରୂପ୍ସା

ଓଡିଆ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ

ଓଡିଆ ନବବର୍ଷ ଓ ପବିତ୍ର ମହାବିଷୁବ ସଂକ୍ରନ୍ତି ଉପଲକ୍ଷେ ସମସ୍ତ ଓଡିଆ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ସ୍ନେହଭରା ଅଭିନନ୍ଦନ । ଏହି ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ସମସ୍ତଙ୍କ ଜୀବନକୁ ସ୍ୱପ୍ନମୟ କରୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା।

ଶ୍ରୀମତୀ ଝଜଳି ପଣ୍ଡା
କବୀ ତଥା ସୁସାହିତ୍ୟିକା, ବାଲେଶ୍ୱର

ଓଡିଆ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ

ଓଡିଆ ନବବର୍ଷ ଓ ପବିତ୍ର ମହାବିଷୁବ ସଂକ୍ରନ୍ତି ଉପଲକ୍ଷେ ସମସ୍ତ ଓଡିଆ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁସ୍ଥ ଓ ନିରାମୟ ରଖନ୍ତୁ, ସମସ୍ତଙ୍କୁ ସଫଳତା ପ୍ରଦାନ କରନ୍ତୁ ଓ ସମସ୍ତଙ୍କ ଚଳାପଥ ପୁଷ୍ପିତ କରନ୍ତୁ, ଏତିକି ପ୍ରାର୍ଥନା।

ମାନସ କୁମାର ଦତ୍ତ
ରାଜ୍ୟ ଉପସଭାପତି, ବିଜେପି ଯୁବମୋର୍ଚ୍ଚା, ବାଲେଶ୍ୱର

ଓଡିଆ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ

ଓଡିଆ ନବବର୍ଷ ଓ ପବିତ୍ର ମହାବିଷୁବ ସଂକ୍ରନ୍ତି ଉପଲକ୍ଷେ ସମସ୍ତ ଓଡିଆ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଅସତ୍ୟ ଉପରେ ସତ୍ୟର ଓ ଅନ୍ୟାୟ ଉପରେ ନ୍ୟାୟର ଜୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁସ୍ଥ ଓ ନିରାମୟ ରଖନ୍ତୁ, ଏତିକି କାମନା।

ନଳିନୀକାନ୍ତ ଦାସ
ଧାମରା, ଭଦ୍ରକ

ଡ. ଭୀମରାଓ ଆମ୍ବେଦକର ଜୟନ୍ତୀରେ ବିଶାଳ ରକ୍ତଦାନ ଶିବିର

ନୀଳଗିରି, ୧୩/୦୪ (ନି.ପ୍ର): ଅଯୋଧ୍ୟା ମା' ବାଶୁଳୀ କ୍ଲବ ଆନୁକୂଲ୍ୟରେ ସ୍ୱର୍ଗତ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଯୋଧ୍ୟା ପଂଚାୟତର ସରପଂଚ ଶ୍ରୀମତୀ ତାରିଣୀ ସିଂ ପ୍ରଥମେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ ନାୟକ ରକ୍ତାଦାନ ଶିବିରରେ ଉପସ୍ଥିତ ରହିଥିବା ବେଳେ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ଅବସରରେ ତାଙ୍କର ଜୀବନ କାହାଣୀ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସମିତି ସଭ୍ୟ ଶୁକଦେବ ସିଂ, ନାଏବ ସରପଂଚ ଜ୍ଞାନରଂଜନ ନାୟକ, ଜୀବନକୃଷ୍ଣ ସ, ସୁଶାନ୍ତ କୁମାର ପରିଡ଼ା, ସମାଜସେବୀ ଅକ୍ଷୟ କୁମାର ଧଳ, ୱାର୍ଡ ସଭ୍ୟା ଅମିତ ମୁଖୀ ଓ ଗୁରୁବାରୀ ମୁଖୀ ଉପସ୍ଥିତ ରହିଥିଲା ବେଳେ ମା' ବାଶୁଳୀ କ୍ଲବର ସଭାପତି ମୂରଲୀଧର ମୁଖୀ ଓ କ୍ଲବର ସମସ୍ତ ସଭ୍ୟ / ସଭ୍ୟା ରକ୍ତଦାତାମାନଙ୍କୁ ସାଧୁବାଦ ଜଣାଇଥିଲେ । ଏହି ରକ୍ତଦାନ ଶିବିରରେ ୩୪ୟୁନିଟ ରକ୍ତଦାନ ସଂଗ୍ରହ କରାଯାଇଥିବା ବେଳେ ସୁଶାନ୍ତ ଖୁଂଟିଆ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo